## ସଂକ୍ଷେପରେ

### ଗୋପବନ୍ଧୁ ଜୟନ୍ତୀ

**ବାଲିକୁଦା,୧୩।୧୦(ସ୍ୱ.ପ୍ର.):** ବାଲିକୁଦା ପୂଜ୍ୟପୂଜା ସଂସଦ ଓ ବୋରକିନା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ପରିଷଦ ମିଳିତ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବୋରିକିନା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ସଂସଦର ସଭାପତି କୈଳାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବୋରିକିନା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ପୁରାତନ ଛାତ୍ର ବଂଶୀଧର ଶତପଥୀ, ଭଗବାନ ଲେଙ୍କା, ପ୍ରହଲ୍ଲାଦ ପରିଡ଼ା, ଅନନ୍ତ ଦାସ, ବିଷ୍ଣୁ ଚରଣ ସ୍ୱାଇଁ, ପଣ୍ଡିତ ହୃଷିକେଶ ସାହୁ, ସମ୍ପାଦକ ଅରୁଣ ମହାନ୍ତି, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ନାଗୁଚରଣ ଦେବତା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଭାସ୍କର ମହାନ୍ତି ଓ ସ୍ମୃତି କମିଟି ସଭାପତି ବୀରନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ମା' ଧନଦାତ୍ରୀଙ୍କ ପୂଜା ଆରମ୍ଭ

**ଡେରାବିଶ, ୧୩।୧୦(ସ୍ୱ.ପ୍ର.):** ଡେରାବିଶ ବ୍ଲକରେ ଗଣପର୍ବ ପାଲଟିଥିବା ମା'ଧନଦାତ୍ରୀଙ୍କ ପୂଜା ରବିବାର କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି । ଏନେଇ ବ୍ଲକ ଉତ୍ସବମୁଖର ହୋଇ ଉଠିଛି। ଆଠଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜା ନିମନ୍ତେ ଚଳିତ ବର୍ଷ ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ୬୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପ ପ୍ରସ୍ତୁତ ହୋଇଛି। ବ୍ଲକ ଅଧୀନ ଛତା ଏବଂ ଓଲଡ଼ି ମଧ ଏହି ପୂଜାର ସ୍ୱତନ୍ତ୍ରତା ବହନ କରୁଛି । ସେହିପରି ପଲ୍ଲୀ ରଘୁନାଥପୁର, ଛୋଟି, ନେତୁଆ, ଫକିରାବାଦ, ମନ୍ତ୍ରୀପଡ଼ା, ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ସାତବାଟିଆ, ଚଷାଖଣ୍ଡ, ଠାକୁରପାଟଣା, ଉଦୟନଗରଛକ ପୂଜା ମଣ୍ଡପ, କାକଟିଆ, କେଶରପୁର, ଦାନପୁର, ଚାନ୍ଦୋଳ କଲେଜଛକ, ସଲାର, ହରିଅଙ୍କ ଆଦି ପୂଜା ମଣ୍ଡପରେ ଏନେଇ ସନ୍ଧ୍ୟାରେ ମା'ଙ୍କ ଘଟ ପୂଜା କରାଯାଇଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି।

### ସାଇକେଲ କ୍ଲବ ପକ୍ଷରୁ ଆରୋହୀ ସମ୍ମାନ

**କେନ୍ଦ୍ରାପଡା ଅଫିସ, ୧୩।୧୦:** କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ମାସିକ ସହର ପରିକ୍ରମା ତଥା ସାଇକେଲ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାର୍ଦ୍ଧକ୍ୟରେ ସାଇକେଲ ଚାଳନା କରୁଥିବା ୮୨ବର୍ଷ ବୟସ୍କ କ୍ଷେତ୍ରବାସୀ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଆରୋହୀ ସମ୍ମାନ ପ୍ରଦାନ କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କ୍ଷେତ୍ରବାସୀଙ୍କୁ ସମ୍ମାନିତ କରିଥିଲେ । ଏଥିସହିତ କେନ୍ଦ୍ରାପଡା ସାଇକେଲ କ୍ଲବର ଲୋଗୋ ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ମଳୟ ସାହୁ, ମାତୃଦତ୍ତ ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ସହରର ବୁଦ୍ଧିଜୀବୀ, ଖବରଦାତା, ସାମାଜିକ କର୍ମୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

### ପୂଜ୍ୟପୂଜା ସଂସଦର ବନ୍ଧୁମିଳନ

**ବାଲିକୁଦା,୧୩।୧୦(ସ୍ୱ.ପ୍ର.):** ଅଳାଭର ପଞ୍ଚାୟତ ରଣପୁରସ୍ଥିତ ମା' ଜାଗ୍ରତଗୌରୀଙ୍କ ପୀଠରେ ବାଲିକୁଦା ପୂଜ୍ୟପୂଜା ସଂସଦର ତ୍ରୈମାସିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ସଂସଦର ସଭାପତି କୈଳାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପଣ୍ଡିତ ହୃଷିକେଶ ସାହୁ ଓ ଶିକ୍ଷକ ନେତା ନିରଞ୍ଜନ ପଣ୍ଡା ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ବାର୍ଷିକ ଉତ୍ସବର ଦିନ ଧାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା। ବାର୍ଷିକ ଉତ୍ସବରେ ପ୍ରକାଶ ପାଇବାକୁ ଥିବା ସଂସଦର ମୁଖପତ୍ର 'ପୂଜା ଫୁଲ'ର ସପ୍ତମ ସଂସ୍କରଣ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଉପଦେଷ୍ଟା ରଘୁନାଥ ସ୍ୱାଇଁଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। 'ଏକ ସମୃଦ୍ଧ ବାଲିକୁଦା ଗଠନ ପାଇଁ ଆପଣଙ୍କ ମତାମତ' ଶୀର୍ଷକ ଆଲୋଚନା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା। ସମ୍ପାଦକ ଅରୁଣ କୁମାର ମହାନ୍ତି ସଂଯୋଜନା କରିଥିଲେ। ବିଷ୍ଣୁ ଚରଣ ସ୍ୱାଇଁ ମୁଖ୍ୟଅତିଥି, ନାଗୁ ଚରଣ ଦେବତା, ବ୍ରହ୍ମାନନ୍ଦ ମହାନ୍ତି, ହୃଷିକେଶ ଚୟନୀ, ରତ୍ନାକର ନାୟକ, ପ୍ରଶାନ୍ତ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସଦର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ରାମଚନ୍ଦ୍ର ଶତପଥୀ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଉପସଭାପତି ସୁଶ୍ରୀ ସ୍ମିତା ଦାସ, ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷାରୁ ବାଦ୍‌ପଡିଛନ୍ତି ଭିନ୍ନକ୍ଷମ

**ନାଉଗାଁ,୧୩।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ ବାଲିଗାଁର ନିବାସ ମହାନ୍ତି। ବୟସ ୩୨ ବର୍ଷ। ସ୍ତ୍ରୀ ଓ ଛୋଟ ଝିଅକୁ ନେଇ ତାଙ୍କ ସଂସାର। ପରିବାର ପ୍ରତିପୋଷଣ ପାଇଁ ଦୀର୍ଘଦିନ ତଳେ ସେ ରାଜ୍ୟ ବାହାରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୀର୍ଘଦିନ ଚିକିତ୍ସା ପରେ ଘରକୁ ଫେରିଲେ ସତ, ହେଲେ ସବୁଦିନ ପାଇଁ ନିଜ ଡାହାଣ ଗୋଡ଼ ହରାଇଲେ। ସେବେଠାରୁ ସେ ଶାରୀରିକ ଅକ୍ଷମ। ୨୦୧୨ ସେ ୭୫ ଭାଗ ଭିନ୍ନକ୍ଷମ ବୋଲି ଜିଲା ପ୍ରଶାସନଠାରୁ ପ୍ରମାଣପତ୍ର ପାଇଥିଲେ। ତେବେ କେବଳ ଭିନ୍ନକ୍ଷମ ଭତ୍ତା ବ୍ୟତିତ ତାଙ୍କୁ ଆଉ କୌଣସି ସରକାରୀ ସହାୟତା ମିଳୁନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ସେ ବହୁବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଡିଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ବହୁ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇ ରାଶନ କାର୍ଡ ହାତେଇଥିବା ବେଳେ ନିବାସଙ୍କ ଭଳି ଜଣେ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବା ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିବାର ପ୍ରତିପୋଷଣ କରିବା ନିବାସଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି। ଗତ ଜୁଲାଇ ୧୨ ତାରିଖରେ ସେ ବିଡିଓଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଇତିମଧରେ ୪ ମାସ ବିତିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଶାରୀରିକ ଅକ୍ଷମତା ହେତୁ ସେ ମୂଲ ମଜୁରୀ ଲାଗିପାରୁନାହାନ୍ତି। ଦୁଇ ଓଳି ଦୁଇ ମୁଠା ଆହାର ଯୋଗାଡ଼ କରିପାରୁ ନ ଥିବା ନିବାସ ଏକ ନଡ଼ା ଛପର ଘରେ ରହୁଛନ୍ତି। ବାସଗୃହ ଯୋଜନାରେ ସମସ୍ତଙ୍କୁ ଘର ମିଳୁଥିବାବେଳେ ତାଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଇଛି। ପକ୍କାଘର ଖଣ୍ଡେ ମିଳୁ ନ ଥିବାରୁ ଝଡ଼ିବର୍ଷା ଓ ବାତ୍ୟା ସମୟରେ ସେ ସ୍ତ୍ରୀ ପିଲାଙ୍କୁ ନେଇ କୁଆଡେ ଯିବେ ବୋଲି ଚିନ୍ତାରେ ପଡୁଛନ୍ତି। ବର୍ଷାହେଲେ ଘରୁ ପାଣି ଗଳୁଛି। କିନ୍ତୁ କିଛି ଉପାୟ ନ ଥିବାରୁ ସେ ସେହି ଝାଟିମାଟି ଘରେ ଭଗବାନଙ୍କୁ ଭରସା କରି ରହୁଛନ୍ତି। ସରକାର ଗରିବଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବାବେଳେ ନିବାସଙ୍କ ପାଇଁ ସବୁ ଅପହଞ୍ଚ ହୋଇ ରହିଛି। ହାତଗୁଞ୍ଜା ଦେଇପାରୁ ନ ଥିବାରୁ ସରକାରଙ୍କ ଯୋଜନା ତାଙ୍କ ପାଖରେ ପହଞ୍ଚିପାରୁନାହିଁ ବୋଲି ନିବାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ତାଙ୍କୁ ସାହାଯ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।

**ଯୋଜନ ଦୂରରେ ଯୋଜନା**



- ରାଶନ କାର୍ଡ ନାହିଁ, ଆବାସ ଯୋଜନାରେ ମିଳୁନି ଘର
- ବହୁବାର ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି

# ଗୋରୁଙ୍କୁ ବ୍ୟାପୁଛି ଅଜଣା ରୋଗ

**ନାଉଗାଁ,୧୩।୧୦(ସ୍ୱ.ପ୍ର.)**

- ଦେହସାରା ଫୋଟକା, ଚାଲିବାବେଳେ ଛୋଟାଉଛନ୍ତି
- ନାକ ଓ ପାଟିରୁ ବାହାରୁଛି ଲାଳ

ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଗୋରୁଙ୍କୁ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଫଳରେ ଗୋଚାଷୀମାନେ ଭୟଭୀତ ହୋଇପଡିଛନ୍ତି। ଗୋଟିଏ ଗାଈକୁ ଏହି ରୋଗ ହେବା ପରେ ପର୍ଯ୍ୟାୟ କ୍ରମେ ଅନ୍ୟ ଗୋରୁଙ୍କୁ ଏହି ରୋଗ ବ୍ୟାପୁଛି। ଏହି ରୋଗରେ ଆକ୍ରାନ୍ତ ଗୋରୁଙ୍କ ଦେହସାରା ଫୋଟକା ହୋଇଯାଉଛି। ଏପରିକି ଚାଲିଲାବେଳେ ସେମାନେ ଛୋଟାଉଛନ୍ତି। ଦେହରେ ଫୋଟକା ବାହାରି ପୂଜ ହେଉଛି। ଗୋରୁଗାଈ ଖାଇବା ଛାଡିଦେଉଛନ୍ତି। ଫଳରେ ସେମାନେ ଦୁର୍ବଳ ହୋଇପଡୁଛନ୍ତି। ନାକ ଓ ପାଟିରୁ ନାଳ ବାହାରୁଛି। ଓଷକଣା ପଞ୍ଚାୟତର ଆର୍ତ୍ତତ୍ରାଣ ମଲିକ, ମହାଦେବ ନାୟକ, ବସନ୍ତ ନାୟକ, ପ୍ରିୟତମା ନାୟକ, ଶିଖର ପଞ୍ଚାୟତର ବଂଶୀଧର ନାୟକ, ଚିତ୍ତରଞ୍ଜନ ମାଣ୍ଡୋଇ, ନାଉଗାଁ ପଞ୍ଚାୟତର ସୁରେଶ ଦାସ, ରମେଶ ଦାସ ପ୍ରମୁଖଙ୍କ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଗୋ-ଚାଷୀମାନେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହା ଭୂତାଣୁ ଜନିତ ଏକ ଚର୍ମ ରୋଗ। ଉପଯୁକ୍ତ ଚିକିତ୍ସା କରାଗଲେ ୪ରୁ ୫ ଦିନ ମଧରେ ରୋଗ ଭଲ ହୋଇଯିବ ବୋଲି ବ୍ଲକ ପ୍ରାଣୀ ଚିକିତ୍ସକ ଡା. ପ୍ରଭାତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଯେଉଁ ଚାଷୀଙ୍କ ଗୋରୁ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି ସେମାନେ ତୁରନ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ର କିମ୍ବା ନିକଟସ୍ଥ ଏଲ୍‌ଆଇଙ୍କ ସହ ଯୋଗାଯୋଗ କରି ଚିକିତ୍ସା ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଭିତରକନିକାରୁ ପଲିଥିନ ଡଙ୍ଗା ଜବତ, ୨ ଗିରଫ

**ରାଜନଗର, ୧୩।୧୦(ଡି.ଏନ.ଏ.)**

ରାଜନଗର ବ୍ଲକର ଭିତରକନିକା ଜାତୀୟଉଦ୍ୟାନ ମଧରେ ବେଧଡକ ଭାବେ ଡଙ୍ଗା ସାହାଯ୍ୟରେ ମାଛ ମରାଯାଉଛି। ରବିବାର ନର୍ଥ ମହିଁଷାମଡା ଫରେଷ୍ଟ ବ୍ଲକର କାଠୁଆ କ୍ରୀକରୁ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଦୁଇ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, କୃଷ୍ଣନଗର ପଞ୍ଚାୟତ ବାଘୁଆ ଗାଁର ଜଗନ୍ନାଥ ଜେନା, ଧ୍ରୁବ ମଣ୍ଡଳ ଏକ ପଲିଥିନ ଡଙ୍ଗା ସାହାଯ୍ୟରେ ଜାଲ ବସାଇ ମାଛ ମାରୁଥିଲେ। ଖବରପାଇ କନିକା ରେଞ୍ଜ ଅଫିସର ସୁଶ୍ରୀସ୍ୱାତୀ ମହାନ୍ତିଙ୍କ ନେତୃତ୍ୱରେ ଫରେଷ୍ଟର ବିଜୟ କୁମାର ପାତ୍ର, ସୁନୀଲ ରଞ୍ଜନ ରାଉତରାୟ, ବୀଣାକର ବେହେରା, ଜନକର ବେହେରା, ବାବୁଲି ଦାସ ପ୍ରମୁଖ ସଦଳବଳେ ନଦୀ ମଧରେ ୨ଜଣଙ୍କୁ କାବୁ କରି ନେଇଥିଲେ। ସେମାନଙ୍କ ଠାରୁ ମାଛ, ଜାଲ, କତୁରୀ ଓ ସେମାନେ ବ୍ୟବହାର କରୁଥିବା ପଲିଥିନ ଡଙ୍ଗାକୁ ଜବତ କରିଥିଲେ। ସେଠାକାର ଲୋକେ ଭିତରକନିକା ଭିତରେ ଯାଇଥିବା କ୍ରିକ ଗୁଡିକ ପାରି ହେବା ପାଇଁ ପଲିଥିନ ଡଙ୍ଗା ମୁଖ୍ୟତଃ ବ୍ୟବହାର କରିଥାନ୍ତି । କନିକା ରେଞ୍ଜ କାର୍ଯ୍ୟାଳୟରେ କେସ ନଂ ୮୮କେ୧୯/୨୦ରେ ମାମଲା ରୁଜୁ ହୋଇଛି । ୧୯୭୨ ବନ୍ୟପ୍ରାଣୀ ଆଇନର ଦଫା ୯, ୨୭, ୨୯ ରେ ଜଗନ୍ନାଥ ଓ ଧ୍ରୁବଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### କୁମାର ଉତ୍ସବ ସମିତିର ବାର୍ଷିକୋତ୍ସବ

# ପାଣି ଜୟନ୍ତୀ ସମାରୋହ ଉଦ୍‌ଘାଟିତ





ସମାରୋହରେ ମଞ୍ଚାସୀନ ଅତିଥି।

**ତିର୍ତ୍ତୋଲ,୧୩।୧୦(ଡି.ଏନ.ଏ.)**

ତିର୍ତ୍ତୋଲ କୁମାର ଉତ୍ସବ ସମିତିର ୪୬ତମ ବାର୍ଷିକୋତ୍ସବ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସମାରୋହ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାରୋହ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ତିର୍ତ୍ତୋଲ ମାଟି କଳା ଓ ସଂସ୍କୃତିର ମାଟି। ମା' ଶାରଳା, ଶୁଦ୍ରମୁନି ସାରଳା ଦାସଙ୍କ ପାଇଁ ଏହି ମାଟି ଗର୍ବିତ। ଏମପି ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟବକ୍ତା, ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମିତିର ସଭାପତି ବିଭୂତି ଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ବିଜୟା ମହାନ୍ତି ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ସୁଖେନ୍ଦୁ ଦାଶ ବିବରଣୀ ପାଠ କରିଥିଲେ। ନାଟ୍ୟକାର ପ୍ରଭାତ ମହାନ୍ତି, ସୁସାହିତ୍ୟିକ ତଥା ବ୍ୟଙ୍ଗକବି ଅଧାପକ ରମାକାନ୍ତ ମିଶ୍ର ପ୍ରମୁଖ ପ୍ରାଚୀନ ଗ୍ରାମ୍ୟ ସଂସ୍କୃତି ପରମ୍ପରା ଉପରେ ଆଲୋପାତ କରିଥିଲେ। ସମିତି ତରଫରୁ ବର୍ଷୀୟାନ କଳାକାର ଯୋଗେଶ ଚନ୍ଦ୍ର ମହାପାତ୍ରଙ୍କୁ କୁମାରୋତ୍ସବ ସମ୍ମାନ-୨୦୧୯ ଓ ଅହଲ୍ୟା ଦେବୀଙ୍କୁ ଶ୍ରେଷ୍ଠ ମାତେଶ୍ୱରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଉକ୍ତ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜଗତ୍‌ସିଂହପୁର ସିଲଭର ଷ୍ଟେପ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ ସହ ପ୍ରଦୀପ୍ତ କୁମାର ନାଥଙ୍କ ନିର୍ଦ୍ଦେଶନାରେ ଜୟଦୁର୍ଗା କଳାକାରମାନେ 'ମୁଁ ତୋର କଣ ହେବି' ନାଟକ ପରିବେଷଣ କରିଥିଲେ। ଉପସଭାପତି ରାକେଶ କୁମାର ମହାପାତ୍ର, ସମ୍ପାଦକ ସୁବାସ ମହାପାତ୍ର, କୋଷାଧକ୍ଷ ନବ କୁମାର ମହାପାତ୍ର, ଧିରେନ ଦାସ, ସଞ୍ଜୟ ମହାପାତ୍ର, ବିମଳ ମହାପାତ୍ର, ପ୍ରଯୋଜକ ପ୍ରଶାନ୍ତ ମହାନ୍ତି, ସୁଧାଂଶୁ ମହାପାତ୍ର, ଅନୀଲ ରାୟ, ବିରଜା ମହାପାତ୍ର, ଅସିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ ଉତ୍ସବ

**ବାଲିକୁଦା,୧୩।୧୦(ସ୍ୱ.ପ୍ର.)**

ବାହାରଣା ପଞ୍ଚାୟତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ବଂଶୀଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜକିଶୋର ମହାନ୍ତି, ଜଗନ୍ନାଥ ପୋଥାଳ, ମନୁଚରଣ ନାୟକ, ଲକ୍ଷ୍ମୀଧର ସାହୁ, କୈଳାସ ବିଶ୍ୱାଳ, ନିରଞ୍ଜନ ପଣ୍ଡା, ଅନାଦି ଚରଣ ବେହେରା, ସୁଧାକର ନାୟକ, ବୈଷ୍ଣବ ଚରଣ ତ୍ରିପାଠୀ, ଭଗବାନ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ସବିତା ପରିଡା, କର୍ମଚାରୀ ପ୍ରମୋଦ ସ୍ୱାଇଁ, ରାଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ଗୁରୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ୧୭ ବର୍ଷ ତଳର ସ୍କୁଲ ଜୀବନର ଅଭୁଲା ସ୍ମୃତି ରୋମନ୍ଥନ କରିଥିଲେ। ପରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ନାଉଗାଁ ସ୍ୱାଭିମାନ ପରିଷଦ ଗଠିତ

**ନାଉଗାଁ,୧୩।୧୦(ସ୍ୱ.ପ୍ର.)**

ନାଉଗାଁ ଅଞ୍ଚଳର ସଂସ୍କୃତି ଓ ଐତିହ୍ୟର ସୁରକ୍ଷା, ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ନିମନ୍ତେ ରବିବାର ସ୍ଥାନୀୟ ଯୁବକମାନେ ନାଉଗାଁ ସ୍ୱାଭିମାନ ପରିଷଦ ଗଠନ କରିଛନ୍ତି। ଏହି ଅବସରରେ ସାଧୁଗୋସ୍ୱାମୀଙ୍କ ପୀଠରେ ଏକ ବୈଠକ ହୋଇଥିଲା। ଏଥିରେ ଚୌଧୁରୀ ସତ୍ୟପ୍ରକାଶ ଦାସ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ସ୍ୱାଭିମାନ ରକ୍ଷା ଓ ସମସ୍ୟା ସମାଧାନ ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ନାଉଗାଁର ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହୋଇଥିଲା। ଏଥିସହ ଭାଇଚାରା ଓ ଏକତା ରକ୍ଷା ନିମନ୍ତେ ନାଉଗାଁ ମହୋତ୍ସବ ପାଳନ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। କାର୍ଯ୍ୟକ୍ରମରେ ଧନଞ୍ଜୟ ପରିଜା, ସ୍ମୃତିରଞ୍ଜନ ବେହୁରା, ପ୍ରଶାନ୍ତ କୁମାର ଦାସ, ମନୋଜ ନାୟକ, ଅଭିମନ୍ୟୁ ସାହୁ, ତ୍ରିଲୋଚନ ପାଢୀ, ପ୍ରସନ୍ନଜିତ୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# କୁମାରୀ ପାଳିଲେ କୁମାର ଉତ୍ସବ



ଗୋପାଳଜୀଉପାଟଣାରେ ଯୁବତୀମାନେ କୁମାର ଉତ୍ସବ ପାଳନ କରୁଛନ୍ତି।

**ଡେରାବିଶ, ୧୩। ୧୦(ସ୍ୱ.ପ୍ର)**

ଡେରାବିଶ ବ୍ଲକର ବିଭିନ୍ନ ଗ୍ରାମରେ ରବିବାର କୁମାର ପୂର୍ଣ୍ଣିମା ତିଥିରେ କୁମାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁମାରୀମାନେ ଘର ଅଗଣାରେ ବୃନ୍ଦାବତୀଙ୍କ ନିକଟରେ ଓ ସନ୍ଧ୍ୟାରେ ଚନ୍ଦ୍ର ଦେବଙ୍କ ପୂଜା କରିଛନ୍ତି। ବ୍ଲକ ଅଧୀନ ଗୋପାଳଜୀଉ ପାଟଣା ଗ୍ରାମରେ ଗାଁ ଦାଣ୍ଡରେ ଥିବା ବୃନ୍ଦାବତୀଙ୍କ ନିକଟରେ ଗ୍ରାମର କୁମାରୀମାନଙ୍କ ଦ୍ୱାରା ପ୍ରାତଃ ସମୟରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥିଲା । ସନ୍ଧ୍ୟାରେ କୁମାରୀଙ୍କ ଦ୍ୱାରା ଚନ୍ଦ୍ରଙ୍କ ନିକଟରେ ପୁନର୍ବାର ଖଇ, ଉଖୁଡ଼ା, ଅଦା, ଗୁଡ଼, ଆଖୁରେ ତିଆରି ଚାନ୍ଦ ଚକଡ଼ା କରାଯାଇ ପୂଜା କରାଯାଇଥିଲା । ଏହି ଭୋଗକୁ ଗ୍ରାମରେ ଥିବା ପୋଖରୀରେ ସମର୍ପଣ କରାଯାଇଥିଲା ବୋଲି ଗ୍ରାମର ଯୁବତୀ ଶ୍ରୀୟା ଦାସ, ଶୁଭ୍ରା ଦାସ, ସ୍ୱପ୍ନା ଦାସ, ସରନ୍ୟା ମହାନ୍ତି ପ୍ରମୁଖ କହିଛନ୍ତି। ସେହିପରି ଗ୍ରାମର ଯୁବତୀ ଶ୍ରୀୟା ଦାସ, ଶୁଭ୍ରା ଦାସ, ସ୍ୱପ୍ନା ଦାସ, ସରନ୍ୟା ମହାନ୍ତି ଓ ପ୍ରତିଭା ଦାସ ପ୍ରମୁଖ ଏହି ପୂଜା ବିଷୟରେ କହିଛନ୍ତି ଯେ, ସନ୍ଧ୍ୟାରେ ହୋଇଥିବା ଚକଡ଼ା ଭୋଗକୁ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ ପରେ ଗ୍ରାମରେ ଥିବା ପୋଖରିରେ ନେଇ ପକାଇ ଥାଉ । ପରେ ଉକ୍ତ ପୋଖରୀରେ ଭୋଗ ପଡ଼ିଥିବା ସ୍ଥାନକୁ ଯାଇ ଗେଣ୍ଡା ଓ ଗୋଡ଼ି ସଂଗ୍ରହ କରି ନିଜ ଘର ଉପରକୁ ଫିଙ୍ଗିଥାନ୍ତି ବୋଲି କହିଛନ୍ତି।ଅନ୍ୟପକ୍ଷରେ ଏହି ପୂଜାର ମହତ୍ତ୍ୱ ବିଷୟରେ ଗୋପାଳଜୀଉ ପାଟଣାର ଯୁବତୀ ପ୍ରିୟାଂଶୀ ଦାସ, ସାନଭି ଦାସ ଓ ଅନନ୍ୟା ଦାସ କହିଛନ୍ତି, ମା' ଦୁର୍ଗାଙ୍କ ପୂଜା ସମୟରେ ମହାଷ୍ଟମୀ ତିଥିରୁ ଦୀଘ ୭ ଦିନ ଧରି ଗୋଟିଏ ପିଢ଼ା ଉପରେ ଜହ୍ନିଫୁଲ ଓ କାକୁଡ଼ି ଫୁଲ ଥୋଇ ପୂଜା କରିବା ସହ ପ୍ରତ୍ୟେକ ଦିନ ମୁଠାଏ ଚାଉଳ ଗୋଟିଏ ଡବାରେ ସାଇତି ରଖିଥାଉ । ଏହି ପରମ୍ପରା ବହୁ ପ୍ରାଚୀନ ହୋଇଥିଲେ ମଧ ଅତି ନିଷ୍ଠାର ସହ ଆମ୍ଭେମାନେ ପାଳନ କରିଥାଉ ବୋଲି ସେମାନେ କହିଛନ୍ତି।

### ଚୋରି ଅଭିଯୋଗରେ ୪ ଗିରଫ

**ପାରାଦୀପ,୧୩।୧୦(ସ୍ୱ.ପ୍ର.)**

ଅଭୟଚାନ୍ଦପୁର ଥାନା ଅଧୀନ ନୂଆଗାଁର ଏକ ତେଜରାତି ଦୋକାନରୁ ଚୋରି ଅଭିଯୋଗ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଜିତ ନାୟକ, କାର୍ତ୍ତିକ ମହାନ୍ତି, ଲିପୁନ ପଲେଇ ଓ ପ୍ରଭାକର ପଡିହାରୀ। ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ଅନିଲ ରାଉତଙ୍କ ଦୋକାନରୁ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୭୮/୧୯ ରୁଜୁ କରିଥିଲା।

# ଗଣ୍ଡଗୋଳ, ୨ ଆହତ: ଥାନାରେ ମାମଲା

**ଡେରାବିଶ, ୧୩।୧୦ (ସ୍ୱ.ପ୍ର)**

ଡେରାବିଶ ଥାନା ଅଧୀନ ଓଲଢ଼ିରେ ଦୁଇ ପକ୍ଷଙ୍କ ମଧରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଯୋଗୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷ ଗଣେଶ୍ୱର ବେହେରା ଓ ଓଲଢ଼ି ଗ୍ରାମର ରାମଚନ୍ଦ୍ର ମହାରଣା। ଉଭୟ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ୧୬୫/୧୯ ଓ ୧୬୬/୧୯ ନଂ.ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।ଗଣେଶ୍ୱରଙ୍କ ଅଭିଯୋଗ ଅନୁସାରେ, ସେ ଶନିବାର ସନ୍ଧ୍ୟାରେ ଓଲଢ଼ି ଛକରେ ଚା' ପିଉଥିବା ବେଳେ ରାମଚନ୍ଦ୍ର ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ସେ ସେଠାରୁ ଯାଇ ଅନ୍ୟସ୍ଥାନରେ ବସିଥିବା ବେଳେ ରାମଚନ୍ଦ୍ର ତାଙ୍କ ପୁଅ ଓ ପୁତୁରାଙ୍କ ସହ ଆସି ଗଣେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଗଣେଶ୍ୱରଙ୍କ ନାକ, ମୁହଁ ଓ ମୁଣ୍ଡ ଫାଟି ଯାଇଛି। ରାମଚନ୍ଦ୍ରଙ୍କ ସ୍ତ୍ରୀ ହେମଲତାଙ୍କ ଅଭିଯୋଗ ଅନୁସାରେ, ରାମଚନ୍ଦ୍ର ଗଣେଶ୍ୱରଙ୍କୁ ଭେଟି ଆବାସ ଯୋଜନାରେ ଘର କରିଦେବାକୁ କହିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ତେବେ ଗଣେଶ୍ୱର ଉତ୍ତ୍ୟକ୍ତ ହୋଇ ରାମଚନ୍ଦ୍ରଙ୍କୁ ପ୍ରବଳ ମାଡ ମାରିଥିଲେ ବୋଲି ହେମଲତା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଗଣେଶ୍ୱର ଡେରାବିଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ବେଳେ ରାମଚନ୍ଦ୍ରଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଅକ୍ଷୟଙ୍କ ସାରସ୍ୱତ ସାଧନାରେ ଓଡ଼ିଆ ସାହିତ୍ୟ ପରିପୁଷ୍ଟ

**ଡେରାବିଶ,୧୩।୧୦(ସ୍ୱ.ପ୍ର.)**

ଓଡ଼ିଆ ସଙ୍ଗୀତ ଜଗତର ବାଦଶାହା ଅକ୍ଷୟ କୁମାର ମହାନ୍ତିଙ୍କ ଜନ୍ମମାଟି ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଗ୍ରାମ ଦେବତୀ ମା' କନ୍ତେଇଙ୍କ ପୀଠରେ ଶନିବାର ସ୍ୱର୍ଗତ ମହାନ୍ତିଙ୍କ ୮୩ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଓ ଅକ୍ଷୟ ସ୍ମୃତି ସଂସଦ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବକୁ ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । କେନ୍ଦ୍ରାପଡ଼ା ଜିଲା ବାରୁଅସ୍ଥିତ ଭାବଗ୍ରାହୀ କଳା ନିକେତନର ମୁଖ୍ୟ ବିମଳ ପ୍ରସାଦ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାଧାପକ ଅଜୟ କୁମାର ରାଉତ ଓ ଡେରାବିଶ ବ୍ଲକ ଅଧକ୍ଷ ସରୋଜ ସାହୁ, କଳିଙ୍ଗ ଆବାସିକ ବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବାଙ୍କିମୁଣ୍ଡାଇ ଠାରେ ସଙ୍ଗୀତ ସମ୍ରାଟ ଅକ୍ଷୟ ମହାନ୍ତି ଜନ୍ମ ହୋଇ ଏହି ଗାଁକୁ ଧନ୍ୟ କରିବା ସହ ବହୁ ସମ୍ମାନରେ ସମ୍ମାନିତ ହୋଇ ପାରିଛନ୍ତି । ଅକ୍ଷୟଙ୍କୁ ମୃତ୍ୟୁ ପୂର୍ବରୁ ପୁରସ୍କୃତ କରି ପାରି ନ ଥିବା ବହୁ ଅନୁଷ୍ଠାନ ପ୍ରକାଶ କରୁଥିବା ଗ୍ଲାନି ତାଙ୍କ ପ୍ରତି ଅଧିକ ସମ୍ମାନ ବୋଧ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ପ୍ରାଧାପକ ରାଉତ ଅକ୍ଷୟଙ୍କ ସାରସ୍ୱତ ସାଧନା ସମ୍ପର୍କରେ କହିବାକୁ ଯାଇ ତାଙ୍କ ରଚିତ ଅନେକ ଗଳ୍ପ,କବିତା, ଉପନ୍ୟାସ ଓ ଭ୍ରମଣ କାହାଣୀ ଓଡ଼ିଆ ସାହିତ୍ୟକୁ ପରିପୃଷ୍ଟ କରିଥିବା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ସାହୁ ଅକ୍ଷୟଙ୍କ ସ୍ମୃତିରେ ବାଙ୍କିମୁଣ୍ଡାଇ ଠାରେ ଏକ ପାର୍କ (ଶିଶୁ ଉଦ୍ୟାନ) ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ଅନ୍ୟତମ ଅତିଥି ପ୍ରଧାନ ଅକ୍ଷୟଙ୍କ ପାଇଁ ଏହି ମାଟି ଓ ଏହାର ଅଧିବାସୀ ଖୁବ୍ ଗର୍ବିତ ବୋଲି କହିଥିଲେ । ସ୍ମୃତି ସଂସଦର ଆବାହକ ଦିଲ୍ଲୀପ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଭାବଗ୍ରାହୀ କଳାନିକେତନର ମୁଖ୍ୟ ବିମଳ ପ୍ରସାଦ ପରିଡ଼ା ଓ କଳାକାରମାନେ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗଣେଶ୍ୱର ପରିଡ଼ା,ଅବନୀ ମହାନ୍ତି, ପଞ୍ଚାନନ ବାରିକ, ନରହରି ମହାନ୍ତି, ହୃଷୀକେଶ ସାହୁ, ରଜନୀକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।





ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।



“ଅଗ୍ନିକୁ ବିଶ୍ୱାସୀ ଚାକର ରୂପେ କାର୍ଯ୍ୟରେ ଲଗାଅ, କିନ୍ତୁ ଦୁର୍ଦ୍ଦାନ୍ତ ପ୍ରଭୁରୂପେ ନୁହେଁ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଯାଜପୁର ଟାଉନ,୧୩।୧୦(ଡିଏନଏ):** ଯାଜପୁର ସଦର ଥାନା ବରୁହାଁ - ମଲ୍ଲିକାପୁର ଛକ ରାସ୍ତାରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତ ଆରୋହୀଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଯାଜପୁର ବ୍ଲକ ନାଥସାହି ଗ୍ରାମର ସୁବାସ ମଲ୍ଲିକ ନାମକ ଯୁବକ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ବରୁହାଁ- ମଲ୍ଲିକାପୁର ଛକ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁବାସଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ୨ଟି ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

### ଅତଳାପୁର-ସାମନ୍ତରାପୁରରେ ଦଶଭୁଜାଙ୍କ ସମୂହ ଭସାଣି



**ରସୁଲପୁର,୧୩।୧୦(ଡିଏନଏ):** ରସୁଲପୁର ବ୍ଲକ ଅତଳାପୁର ଓ ସାମନ୍ତରାପୁର ପଞ୍ଚାୟତରେ ମା’ ଦଶଭୂଜାଙ୍କ ଭସାଣି ଉତ୍ସବ ଖୁବ୍ ଯାକଜମକର ସହ ସମ୍ପନ୍ନ ହୋଇଛି। ପଞ୍ଚାୟତ ଭିନ୍ନ ହେଲେ ବି ଉଭୟ ପଞ୍ଚାୟତର ଲୋକେ ଭସାଣି ଉତ୍ସବରେ ଏକାଠି ହୁଅନ୍ତି। ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପଣ କରନ୍ତି। ମା’ଙ୍କୁ ମେଲାଣି ଦେବାବେଳେ ବାଜାବାଣ, ରୋଷଣି, ଶଙ୍ଖ ହୁଳହୁଳି ସାଙ୍ଗକୁ ଭଜନକୀର୍ତ୍ତନରେ ଗାଁ ଦାଣ୍ଡ କମ୍ପି ଉଠିଥିଲା। ଏଠାରେ ସୀତାରାମ ପୂରାଣ ପୀଠ, ଭାଗବତ ମଣ୍ଡଳୀ ଉଦ୍ୟମରେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଣ୍ଡଳୀ ମୁଖ୍ୟ ପ୍ରଜ୍ଞାନନ୍ଦ ମହାରାଜ, ମୁରବୀ ବାବନ ଚରଣ ଦାସ, ବଟକୃଷ୍ଣ ସାହୁ, ଆତୁଳ ସାହୁ, କାର୍ତ୍ତିକ ସାହୁ, କ୍ଷେତ୍ରବାସୀ ସାହୁ, ଶ୍ରୀଧର ବେହେରା, ସୁଦର୍ଶନ ଦଳେଇ,ପ୍ରଫୁଲ୍ଲ ସାହୁ, ନବଘନ ସାହୁ, ରଙ୍ଗାଧର ସାହୁ, ଧର୍ମାନନ୍ଦ ସାହୁ, ବସନ୍ତ ସାହୁ, ଫକୀର ବାରିକ, ଦୋଳଗୋବିନ୍ଦ ବାରିକ, ସୂର୍ଯ୍ୟମଣୀ ମହାରଣାଙ୍କ ସମେତ ଶତାଧିକ ଗ୍ରାମବାସୀ ଏକାଠି ହୋଇଥିଲେ। ଅତଳାପୁରର ଦଶଘର ସାହୁ ଦୁର୍ଗା, ପଟଣାସାହି ରାମ ଦୁର୍ଗା, କୁଲୁଗାଁ ମଝିସାହି, ଦଳେଇ ସାହି, ବେହେରା ସାହିର ଦୁର୍ଗାମେଢ ରୋଷଣୀ ଶୋଭାଯାତ୍ରାରେ ଆସି ବ୍ରାହ୍ମଣୀ ନଦୀ ଗର୍ଭସ୍ଥ କୁଦର ପଞ୍ଚବଟୀ ପଡିଆରେ ପହଞ୍ଚିଥିଲେ। ଏଠାରେ ପାଞ୍ଚ ସାହିର ସମସ୍ତ ମୁରବୀ ଏକତ୍ରିତ ହୋଇ ମା’ଙ୍କୁ ମେଲାଣି ଦେବା ସହ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ରାବଣପୋଡି ଉତ୍ସବରେ ଯୋଗ ଦେଇଥିଲେ। ଏହି ଉତ୍ସବ ଖୁବ୍ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

# ଖଣି ସମ୍ପ୍ରସାରଣ ସତ୍ତ୍ୱେ କମୁଛି ସ୍ଥାନୀୟ ନିଯୁକ୍ତି

**ଯାଜପୁର ଅଫିସ,୧୩।୧୦**

ଯାଜପୁର ଜିଲାରେ ନୂତନ କରି ୪ଟି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା ହେଉଥିବାବେଳେ ଟାଟା ଷ୍ଟିଲର ଉତ୍ପାଦନ ବୃଦ୍ଧି ପାଇଁ ସମ୍ପ୍ରସାରଣ ହେଉଛି। ନିକଟରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଓଡ଼ିଶା ମାଇନିଂ କାର୍ପୋରେଶନ (ଓଏମ୍‌ସି)ର ଦୈତାରୀ ଲୌହଖଣି, ଓଏମସିର ଦକ୍ଷିଣ କାଳିଆପାଣି କ୍ରୋମ ଖଣି, ବାଲେଶ୍ୱର ଆଲଏଜ କ୍ରୋମାଇଟ ଖଣି, ରାମକୀ ଆଦି ସମ୍ପ୍ରସାରଣର ଜନଶୁଣାଣି ସଫଳ ହୋଇଛି। ଜନଶୁଣାଣି ସମୟରେ ଏହି କମ୍ପାନୀଗୁଡିକ ତାଙ୍କ ସାରାଂଶରେ ପାରିପାର୍ଶ୍ୱିକ ଉନ୍ନୟନ ସମେତ ସ୍ଥାନୀୟ ନିଯୁକ୍ତି ସଂଖ୍ୟା ବୃଦ୍ଧି ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ୍ କୌଣସି କମ୍ପାନୀରେ ସ୍ଥାନୀୟ ନିଯୁକ୍ତି ବୃଦ୍ଧି ପାଇବା ବଦଳରେ ହ୍ରାସ ପାଉଥିବା ସୂଚନା ମିଳିଛି। ଆସନ୍ତା ୨୫ତାରିଖରେ ଯାଜପୁର ଜିଲାର ସର୍ବବୃହତ ଟାଟା ଷ୍ଟିଲର ସମନ୍ୱିତ ଇସ୍ପାତ କାରଖାନାର କରୁଡ ଇସ୍ପାତ ଉତ୍ପାଦନ କ୍ଷମତାକୁ ବାର୍ଷିକ ୮ମିଲିୟନ ଟନ୍‌କୁ ବୃଦ୍ଧି କରିବା ପାଇଁ ଜନଶୁଣାଣି କରିବାକୁ ଧାର୍ଯ୍ୟ ହୋଇଛି। ଏହି କାରଖାନା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୩ହଜାର ଲୋକ ପ୍ରତ୍ୟେକ୍ଷ ରୋଜଗାର ପାଇବେ ଏବଂ ନିର୍ମାଣ ସମୟରେ ପ୍ରାୟ ୧୫ହଜାର ଲୋକଙ୍କୁ କାମ ମିଳିବ ବୋଲି ସାରାଂଶରେ ଦର୍ଶାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ କ୍ଷେତ୍ରରେ ବୈଷୟିକ ଡିଗ୍ରୀଧାରୀ ବେକାର ଯୁବତୀଯୁବକ ନିଯୁକ୍ତି ଆଶାରେ ରହିଛନ୍ତି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣି ସଂକ୍ରାନ୍ତରେ ଅଧିକାଂଶ କଳିଙ୍ଗନଗରବାସୀଙ୍କ ପାଖରେ ଏଯାଏ ଖବର ପହଞ୍ଚି ନାହିଁ। ଯଦ୍ୱାରା ଜନଶୁଣାଣିର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥର ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରାଗଲେ ସମ୍ପୃକ୍ତ କମ୍ପାନୀ ଓ ପ୍ରଶାସନକୁ ମହଙ୍ଗା ପଡିବ ବୋଲି ଆଲୋଚନା ହେଉଛି।

୨୦୧୮ ଅକ୍ଟୋବର ଓ ନଭେମ୍ବରରେ ଉପରୋକ୍ତ ଖଣି ଓ ଶିଳ୍ପସଂସ୍ଥାଗୁଡ଼ିକର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ଏକମାତ୍ର ଷ୍ଟେନଲେସ ଷ୍ଟିଲ ଜିନ୍ଦଲ କାରଖାନାରେ କରୁଡ ଓ ହଟଷ୍ଟ୍ରିପ ମିଲ ସମ୍ପ୍ରସାରଣ ପାଇଁ ଜନଶୁଣାଣି ହୋଇଥିଲା। ଏଥିପାଇଁ ପରିବେଶ ଅନୁମତି ମଧ୍ୟ ମିଳିଯାଇଛି। ହେଲେ ସମ୍ପ୍ରସାରଣ କ୍ଷେତ୍ରରେ କମ୍ପାନୀ ସେତେଟା ଆଗେଇ ପାରି ନ ଥିବା ଜଣାପଡିଛି। ଏଥିପାଇଁ ଅଧିକ ନିଯୁକ୍ତି ସୃଷ୍ଟି ପ୍ରତିଶ୍ରୁତି ମଧ୍ୟ ଲାଖି ରହିଛି। ଏହି ଜିନ୍ଦଲ କାରଖାନାରେ ନିକଟରେ ୪ ଓଡ଼ିଆ



■ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଟାଟା ଷ୍ଟିଲର ପ୍ରସ୍ତୁତି
■୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ୪ ସିମେଣ୍ଟ କମ୍ପାନୀ
■ନିଯୁକ୍ତି ଆଶାରେ ସ୍ଥାନୀୟ ବେକାର ଯୁବତୀଯୁବକ

ଅଧିକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ବିଦା କରାଯାଇଥିବାବେଳେ ଅନ୍ୟ ୨ ଓଡ଼ିଆ ଅଧିକାରୀ ବିଭିନ୍ନ ଅବହେଳାର ଶିକାର ହୋଇ ନିଯୁକ୍ତି ଛାଡ଼ିଛନ୍ତି। ନିଯୁକ୍ତି କ୍ଷେତ୍ରରେ ଏଠାରେ ଅଣଓଡ଼ିଆ ପ୍ରୀତି କ୍ରମଶଃ ବୃଦ୍ଧି ପାଉଥିବା ଆଲୋଚନା ହେଉଛି। ତେବେ ଟାଟାଷ୍ଟିଲ ସମ୍ପ୍ରସାରଣକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସହିତ ହୋଇଥିବା ବୁଝାମଣାରେ ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ ଖର୍ଚ୍ଚ ୨୧ହଜାର କୋଟି ଟଙ୍କା ରହିଛି। ଏଥିରୁ ୪୨.୭୫ କୋଟି ଟଙ୍କାର ସିଏସ୍ଆର କ୍ଷେତ୍ରରେ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି। ତେବେ ଏହିସବୁ ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟ କହିବ ବୋଲି ମତପ୍ରକାଶ ପାଇଛି। ଏହି ପ୍ରକଳ୍ପର ଜନଶୁଣାଣି ସାରାଂଶର ୭ମ ପୃଷ୍ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇଛି। ନିର୍ମାଣ ଓ କାରଖାନା ଚାଲୁ ହେବା ପରେ ବାହାର ଲୋକଙ୍କୁ କାମ ଦିଆଯାଉଥିବା ବିରୋଧ କରି ଗଣ୍ଡଗୋଳ ଓ ବନ୍ଦ ପାଳନ, ଧର୍ମଘଟ ହୋଇପାରେ ବୋଲି କମ୍ପାନୀ ଆଶଙ୍କା ପ୍ରକାଶ କରିଛି। ଏଥିପାଇଁ କମ୍ପାନୀ ପକ୍ଷରୁ ରଣନୀତି ମଧ୍ୟ ପ୍ରସ୍ତୁତ ହୋଇଛି। ଉକ୍ତ ଆଶଙ୍କା ଉତ୍ତରରେ ସ୍ଥାନୀୟ ଉଭୟ ମହିଳା ଓ ପୁରୁଷଙ୍କୁ ଶିଳ୍ପଭିତ୍ତିକ ତାଲିମ ଦିଆଯିବ ଓ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ। ଏହାବାଦ ଧନ୍ଦାମୂଳକ ଶିକ୍ଷା ଓ ସେମାନଙ୍କ ରୋଜଗାର ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ନିଯୁକ୍ତିରେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସାରାଂଶରେ ଦର୍ଶାଯାଇଛି। ଜିଲାରେ ଶତାଧିକ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଯୁବତୀଯୁବକ ବେକାର ବସିଥିଲେ ହେଁ ଏହି କମ୍ପାନୀରେ ବାହାର ରାଜ୍ୟର ଏଭଳି ଶିକ୍ଷିତ ଲୋକଙ୍କୁ ଅଧିକ ନିଯୁକ୍ତି ମିଳିଥିବା ଏକ ସର୍ଭେରୁ ଜଣାପଡିଛି। ତେଣୁ କମ୍ପାନୀ ସମ୍ପ୍ରସାରଣ ସମୟରେ ଏଥର ସ୍ଥାନୀୟ ନିଯୁକ୍ତିଙ୍କୁ ପ୍ରାଧାନ୍ୟ ନ ଦେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ସେଠୀ କୁହନ୍ତି ସମସ୍ତ ଶିଳ୍ପ କମ୍ପାନୀରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେବାକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ଏବଂ ଭବିଷ୍ୟତ ପାଇଁ ମଧ୍ୟ ସଜାଗ ରହିଛୁ। ଏଥିରେ କୌଣସି ଅନିୟମିତତା ହେଲେ ନିଶ୍ଚିତ ଭାବେ ଆବଶ୍ୟକ ପଦକ୍ଷେପ ନିଆଯିବ।

## କରତକଳରେ ଚଢ଼ାଉ: ଯନ୍ତ୍ରାଂଶ, କାଠ ଜବତ

**ଧର୍ମଶାଳା,୧୩।୧୦(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କାଏମାଗ୍ରାମରେ ଥିବା ଏକ ବେଆଇନ କରତ କଳରେ ରବିବାର ବନବିଭାଗ ଚଢ଼ାଉ କରିଛି। ଏହି ସମୟରେ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ ୧୫ ସିଫ୍ଟ ମୂଲ୍ୟବାନ କାଠ ଜବତ କରାଯାଇଛି। ତେବେ ଚଢ଼ାଉର ଖବର ପାଇ କରତକଳ ମାଲିକ ବର୍ଣ୍ଣ ମହାରଣା ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏ ନେଇ ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଯାଜପୁର ଏସ୍‌ଟିଏଫ ଶରତ କୁମାର ସାହୁ, ଡାଳିଯୋଡା ରେଞ୍ଜର ଅଭିରାମ ଜେନା, ଗଡ଼ମଧୁପୁର ଫରେଷ୍ଟର ରଞ୍ଜନ କୁମାର ମିଶ୍ର, ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରା, ଚୌଦ୍ୱାର ଫରେଷ୍ଟର ଜ୍ୟୋତିରଞ୍ଜନ ମହାପାତ୍ର ସମେତ ବନ ବିଭାଗର ବହୁ କର୍ମଚାରୀ ଓ ଭିଜିଲାନ୍ସ ସ୍କ୍ୱାଡ ଚଢ଼ାଉରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, କାଏମା ଗ୍ରାମରେ ମହାରଣା ଦୀର୍ଘଦିନ ଧରି କରତକଳ କରି ଚୋରାରେ କାଠ ଚିରୁଥିବା ଖବର ପାଇ ବନ ବିଭାଗ ଚଢାଉ କରିଥିଲା।

■ ଜିଲାସ୍ତରୀୟ କବାଡ଼ି ପ୍ରଶିକ୍ଷଣ ଶିବିର ଆରମ୍ଭ

# ଯୋଗଦେଲେ ୫୦ ଖେଳାଳି, ୧୨ ଅଫିସିଆଲ

**ରସୁଲପୁର,୧୩।୧୦(ଡିଏନଏ)**

ରସୁଲପୁର ବ୍ଲକ ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଯାଜପୁର କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ୧୭ ଓ ୧୪ବର୍ଷରୁ କମ୍ ବାଳିକାବାଳକ କବାଡ଼ି ପ୍ରଶିକ୍ଷଣ ଶିବିର ରବିବାରଠାରୁ ଆରମ୍ଭ ହୋଇଯାଇଛି। ମା’ ମଙ୍ଗଳା କବାଡି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୪ଟି କବାଡି ଦଳର ୫୦ଜଣ ଖେଳାଳି ଯୋଗଦେଇ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷଣ ପ୍ରଦାନ ପାଇଁ ୧୨ଜଣ ଅଫିସିଆଲ ଯୋଗଦେଇ ଶିବିରକୁ ପରିଚାଳନା କରିଛନ୍ତି। ରାଜ୍ୟସ୍ତରୀୟ ବିଦ୍ୟାଳୟ କବାଡିରେ ଯାଜପୁର ଜିଲାର ଦବଦବା ରହିଛି। ଚଳିତଥର ରାଜ୍ୟ ଚାମ୍ପିୟନ ଲକ୍ଷ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ଦିଗରେ ଉଭୟ ବାଳିକାବାଳକ ଖେଳାଳଙ୍କ ଦକ୍ଷତା ଉପରେ ଚୟନକର୍ତ୍ତମାନେ ଆଶାବାଦୀ ଅଛନ୍ତି। ବିଶେଷକରି ବିଦ୍ୟାଳୟସ୍ତରରୁ





ଖେଳାଳିମାନେ ପ୍ରଶିକ୍ଷଣ ନେଉଛନ୍ତି।

ଖେଳାଳିଙ୍କୁ କବାଡିର ନିୟମ ସମ୍ପର୍କରେ ଅବଗତ କରାଇବା ପାଇଁ ପ୍ରୋ-କବାଡି ଅଫିସିଆଲ ମନସ୍ୱିନୀ ସାହୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପ୍ରଶିକ୍ଷକ ଅଭୟ ମହାନ୍ତି, କୃଷ୍ଣକାନ୍ତ ପଣ୍ଡା, କ୍ରୀଡା ଶିକ୍ଷକ ଅନାଦି ସାହୁ, ସୁରେଶ ସାହୁ ପ୍ରମୁଖ କୋର୍ଟରେ ଉପସ୍ଥିତ ରହି ପିଲାଙ୍କୁ ନୂଆ କ୍ରିଡା କୌଶଳ ଉପରେ ଅବଗତ କରାଇଥିଲେ। କେଉଁ ଖେଳାଳିଙ୍କର କେଉଁ ବିଭାଗରେ ଦକ୍ଷତା ରହିଛି ପ୍ରଶିକ୍ଷକମାନେ ତାକୁ ପରଖିଥିଲେ। ଖେଳାଳିଙ୍କୁ କିଭଳି ସଜାଇଲେ ଦଳ ରକ୍ଷଣାତ୍ମକ ଢଙ୍ଗରେ ଖେଳି ପାରିବ ସେନେଇ ପ୍ରତିଭାଙ୍କୁ ବିଭିନ୍ନ ସ୍ଥାନରେ ରଖି ଦକ୍ଷତା ପରଖା ଯାଇଥିଲା। ରିଡରଙ୍କୁ ଯଥେଷ୍ଟ ବିଶ୍ରାମ ଦିଆଯାଇ ପଏଣ୍ଟ ହାସଲ ଦିଗରେ କିଭଳି ବ୍ୟବହାର କରାଯାଇ ପାରିବ ସେସବୁ ଦିଗପ୍ରତି ଧ୍ୟାନ ଦିଆଯାଇ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଖେଳାଳିଙ୍କୁ ଜିଲା ପକ୍ଷରୁ ରହିବା ଓ ଖାଇବା ଓ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି। ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଉକ୍ତ ଶିବିରକୁ ପରିଚାଳନା କରାଯାଉଛି।

# ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ କୋର୍ଟଚାଲାଣ

**ରସୁଲପୁର,୧୩।୧୦(ଡିଏନଏ)**

ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଗ୍ରାମର ଯୁବକ ମଳୟ ବେହେରା(୨୨) ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ରବିବାର କୋର୍ଟ ଚାଲାଣ ହୋଇଛନ୍ତି। ଏହି ଯୁବକ ୬ମାସ ତଳେ ନାବାଳିକାଙ୍କୁ କମେଣ୍ଟ ମାରିବା, ଟଣାଓଟରା କରିବା ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିବା ଜାଣି ମଳୟ ଫେରାର ହୋଇଯାଇଥିଲେ। ଦୁଇଦିନ ତଳେ ସେ ଗାଁକୁ ଫେରିଥିବା ପୋଲିସ ଜାଣିପାରି ରବିବାର ସକାଳେ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରି ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପ୍ରକାଶ ଥାଉକି, ଗତ ଏପ୍ରିଲ ୧୩ରେ ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ-୧୧୩/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି।

**ହୋମଗାର୍ଡଙ୍କୁ ଧମକ ଦେବା ଘଟଣା**

## ପୀଡ଼ିତଙ୍କୁ ଭେଟି ନ୍ୟାୟ ଦାବି କଲା ଭାଜପା

**ବରୀ/ରତ୍ନଗିରି,୧୩।୧୦(ସ୍ୱ.ପ୍ର/ ଡିଏନଏ)**

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ହୋମଗାର୍ଡଙ୍କୁ ଧମକଚମକ ଦିଆଯିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଶନିବାର ପୋଲିସ ୩ ଜଣଙ୍କ ନାମରେ ଏକ ମାମଲା (ନଂ.୨୩୪/୧୯) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ରବିବାର ସମ୍ପୃକ୍ତ ହୋମଗାର୍ଡଙ୍କୁ ଭେଟିଛନ୍ତି ଭାଜପା ନେତୃବୃନ୍ଦ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ହୋମଗାର୍ଡଙ୍କ ପରିବାରର ଲୋକେ ଭାଜପା ନେତାଙ୍କୁ ଗୁହାରି କରିଥିଲେ। ରାଜ୍ୟସ୍ତରୀୟ ଭାଜପା ନେତା ବିଭୁ ପ୍ରସାଦ ତରାଇ, ପୂର୍ବତନ ନିମାପଡା ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ, ରାଜ୍ୟ ଭାଜପା ସମ୍ପାଦକ ସୁଶାନ୍ତ ମଲ୍ଲିକ, ନାରୀନେତ୍ରୀ ବବିତା ମଲ୍ଲିକ, ରାଜ୍ୟ ଦଳିତ ମୋର୍ଚ୍ଚା ସଭାପତି ସୁଶାନ୍ତ ମଲିକ, ମନୋଜ ବେହେରା, ଅମୀୟ ମଲ୍ଲିକ, ଭାସ୍କର ଜେନା, ବରୀ ବ୍ଲକ ଅଧ୍ୟକ୍ଷା ସୁବାଶିନୀ ନାଥଶର୍ମା, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ, ବୋଦୁଅ ସରପଞ୍ଚ ଅର୍ଚ୍ଚନା ମଲ୍ଲିକ, ଭଅଁରା ସରପଞ୍ଚ ସୁଶାନ୍ତ ମଲ୍ଲିକଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ ପ୍ରମୁଖ ହୋମଗାର୍ଡ ରଞ୍ଜନ ମଲ୍ଲିକଙ୍କ ପରିବାରକୁ ସୁରକ୍ଷା ଓ ତାଙ୍କୁ ଧମକ ଦେଇଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ନ୍ୟାୟ ନ ମିଳିଲେ ଦଳିତ ସମ୍ପ୍ରଦାୟ ଓ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରକାଶ କରିଛନ୍ତି।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫-ଟି ଅନୁଧ୍ୟାନକାରୀ ଦଳ

# ଭିତ୍ତିଭୂମି ଯାଞ୍ଚ ସହ ରୋଗୀଙ୍କ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

**ଯାଜପୁର ଟାଉନ,୧୩।୧୦(ଡିଏନଏ)**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରବିବାର ସ୍ଥିତି ଅନୁଧ୍ୟାନ କରିଛନ୍ତି ୫-ଟି ଅନୁଧ୍ୟାନକାରୀ ଦଳ। ଏହି ଦଳ ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ନିରୀକ୍ଷଣ କରିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦଳରେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ପୁନମ ଗୁହା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲୀପ କୁମାର ମହାନ୍ତି ଏବଂ ଯୁଗ୍ମ ସଚିବ ଆଦିତ୍ୟ ମହାପାତ୍ର ସାମିଲ ହୋଇ ରବିବାର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହ ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଦୀର୍ଘଦିନ ଧରି ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟ କାର୍ଯ୍ୟ କରୁ ନ ଥିବାରୁ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରୋଗୀ ସେବାପାଇଁ ବିଭିନ୍ନ ଆନୁସଙ୍ଗିକ ଯନ୍ତ୍ରପାତି ଡିଏମ୍‌ଏଫ ଫଣ୍ଡରୁ କିଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଖୁବଶୀଘ୍ର ଆଇସିୟୁ , ଡିଜିଟାଲ ଏକ୍ସରେ ଏବଂ ମାଗଣା ଔଷଧ ବିତରଣ କେନ୍ଦ୍ର ଗୋଟିଏ ପରିବର୍ତ୍ତେ ୨ଟି କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ପ୍ରଶାସନ ସହ ଆଲୋଚନା କରିବା ପରେ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଧ୍ୟାନ ସମୟରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଏସ୍‌ପି ଚରଣ ସିଂ ମୀନା, ସିଡିଏମଓ ଅରୁଣ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଅନୁଧ୍ୟାନକାରୀଦଳ ।

## ଫୁଲ ବଉଳବେଣୀ ଗୀତରେ ଦୁଲୁକିଲା ସହର

**ଯାଜପୁର ଟାଉନ,୧୩।୧୦(ଡିଏନଏ)**

ପବିତ୍ର ଲକ୍ଷ୍ମୀପୂଜା ଓ କୁମାର ପୂର୍ଣ୍ଣମା ଅବସରରେ କୁମାରୀଙ୍କ ଫୁଲ ବଉଳବେଣୀ ଗୀତରେ ଦୁଲୁକିଲା ଯାଜପୁର ସହର ଓ ଗାଁ ଦାଣ୍ଡ। ସାଙ୍ଗସାଥୀ ମେଳରେ ନବମୀରୁ ୭ଦିନ ଧରି ଝିଅମାନେ ସାହିସାହି ବୁଲି କୁଆଁର ପୂନେଇଁ ଖେଳିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତି ସେମାନଙ୍କ ମଧ୍ୟରେ ନାଚ, ଗୀତ, ବର-କନିଆଁ, ପୁଚି, ଲୁଚକାଳି ଆଦି ଖେଳର ପ୍ରତିଯୋଗିତା ହୋଇଥିଲା। ପୂର୍ଣ୍ଣମୀ ଦିନ ଓଷାର ଉଦ୍‌ଯାପନୀ ହେଉଥିବାରୁ ରବିବାର ଝିଅମାନେ ଉପବାସ ପୂର୍ବକ ନବବସ୍ତ୍ର ପରିଧାନ କରି ଚଉଁରା (ବୃନ୍ଦାବତୀ)କୁ ରଙ୍ଗ ବେରଙ୍ଗର ଗୌରୀରେ ସଜାଇଥିଲେ। ଏଥିରେ କାହା ଚଉଁରା ଅଧିକ ସୁନ୍ଦର ହେବ ସେଥିପାଇଁ ଝିଅମାନେ ପ୍ରତିଯୋଗିତାମୂଳକ ଭାବେ ଚଉଁରାରେ କଇଁ, ପଦ୍ମ ଫୁଲ ପକାଇବା ସହ ଜହ୍ନିଫୁଲର କୋଠି ବେଶ ମନଲୋଭା ହୋଇଥିଲା। ପୂର୍ଣ୍ଣମୀ ସନ୍ଧ୍ୟାରେ ତୁଳସୀ ଚଉଁରାକୁ ପୂଜାର୍ଚ୍ଚନା କରି ପୂର୍ଣ୍ଣମୀ ଚାନ୍ଦକୁ ବନ୍ଦାପନା କରିବା ପରେ ଝିଅମାନେ ସାହିସାହି ବୁଲି ଫୁଲ ବଉଳବେଣୀ ଗୀତ ଗାଇଥିଲେ। ଏହି ପୂର୍ଣ୍ଣମୀ ଅବସରରେ



ଯାଜପୁର ସହର ସାନବଜାର ନାଉରିଆ ସାହି, କୁଆଁସରପୁର, ବୈଦ୍ୟରାଜପୁର, ଅଠରନଳା, ଖଣ୍ଡରା, ଖଇରାବାଦ ଆଦି ଅଞ୍ଚଳରେ ଲକ୍ଷ୍ମୀପୂଜା କରାଯାଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ମା’ ଲକ୍ଷ୍ମୀଙ୍କର ଘଟସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି।

## ଅଙ୍ଗନୱାଡ଼ି କେନ୍ଦ୍ର ଜମି ଚିହ୍ନଟକୁ ନେଇ ଦ୍ୱନ୍ଦ୍ୱ

# ଜଳାଶୟରେ ଗୃହ ନିର୍ମାଣ ସୁପାରିସକୁ ବିରୋଧ

**ରସୁଲପୁର,୧୩।୧୦(ଡିଏନଏ)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ନିର୍ମାଣ ସକାଶେ ଏକ ବିବାଦୀୟ ଜମିକୁ ଚିହ୍ନଟ କରାଯାଇଛି। ତହସିଲ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟବେଳେ ପିଲାଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଭାଗବତ ପ୍ରଧାନ, ଅଜୟ ନାୟକ, ବାବାଜି ନାୟକ, କୁଳମଣି ପ୍ରଧାନ, ରବିନ୍ଦ୍ର ପାତ୍ର, ରମେଶଚନ୍ଦ୍ର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯାଜପୁର ଜିଲାପାଳ, ରସୁଲପୁର ତହସିଲଦାର ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିବା ଜମିକୁ ପରିବର୍ତ୍ତନ କରାଯାଇ ଏହି ଗ୍ରାମରେ ଥିବା ସୁରକ୍ଷିତ ସ୍ଥାନକୁ ଗୃହ ନିର୍ମାଣ ସକାଶେ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ତହସିଲ ଅଧୀନ କସ୍ବା ରାଜସ୍ୱ ନିରୀକ୍ଷକ ଅଧୀନ ବେତଣ୍ଡା କୁସୁନପୁର ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ନିୟମାନୁଯାୟୀ ଗୃହ ନିର୍ମାଣ ପାଇଁ ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। କସ୍ବା ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରିବା ସହ ଖାତା ନଂ-୬୮୫ ଓ ପ୍ଲଟ ନଂ-୩୨୬୨ ଉପରେ ଥିବା ୨୧ ଡିସିମିଲ ଜମିରୁ ୫ ଡିସମିଲ ଜମି ଚିହ୍ନଟ କରି ତାର ସ୍କେଚ୍ ମାନଚିତ୍ର ବ୍ଲକକୁ ପ୍ରଦାନ କରିଥିଲେ। ଉକ୍ତ ଜମିଟି ଗବଖରା ନାଳରେ ଅବସ୍ଥିତ। ବର୍ଷା ଦିନରେ ଏହି ନାଳ ଦେଇ ବର୍ଷାଜଳ ନିଷ୍କାସିତ ହୁଏ। ଗୃହ ନିର୍ମାଣ କରାଯାଇ ଜଳସ୍ରୋତ ପ୍ରବାହ ବନ୍ଦ କରିଦିଆଗଲେ ଏଠାରେ ବର୍ଷସାରା ପାଣି ଜମି ରହିବ। କେନ୍ଦ୍ରକୁ ଆସୁଥିବା ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ନଠୁଆବର ପଞ୍ଚାୟତ ଟାକୁଆ ଠେଙ୍ଗ ଗ୍ରାମର କେନ୍ଦ୍ର ପଛ



■ଗବଖରା ନାଳରେ ଗୃହ ନିର୍ମାଣକୁ ସୁପାରିସ
■ଜମି ଚିହ୍ନଟବେଳେ ପିଲାଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନ ଥିବା ଅଭିଯୋଗ

ପାର୍ଶ୍ୱରେ ଥିବା ପୋଖରୀରେ ଦୁଇଜଣ ଶିଶୁଙ୍କୁ ନେଇ ଘଟିଥିବା ଅଘଟଣର ପୁନରାବୃତ୍ତି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ୫ ଡିସେମ୍ବର,୨୦୧୭ରେ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ଏ ଦିଗରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏବେ ପୁଣି ରସୁଲପୁର ତହସିଲଦାର ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଶାସନ ନିଷ୍ପତ୍ତିର ପୁନର୍ବିଚାର କରିବା ସହ ଗ୍ରାମରେ ଥିବା ଅନ୍ୟ ଉପଯୁକ୍ତ ଓ ଉନ୍ନତ ଜମିକୁ କେନ୍ଦ୍ର ପାଇଁ ପ୍ରଦାନ କରାଯାଉ ବୋଲି ଦାବି ରଖିଛନ୍ତି। ଏଭଳି କରାଗଲେ ପ୍ରାକୃତିକ ଜଳଧାରା ସୁରକ୍ଷିତ ରହିବା ସହ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ହେବ ବୋଲି କହିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ସନ୍ତୋଷ ପରିଡ଼ାଙ୍କୁ ପଚାରିବାରୁ, ସେ ଏନେଇ କୌଣସି ରିପୋର୍ଟ ଦେଇନାହାନ୍ତି। ତାଙ୍କ ପୂର୍ବରୁ କିଏ କ’ଣ ରିପୋର୍ଟ ଦେଇଛନ୍ତି ସେ କହିପାରିବେ ନାହିଁ। ମାତ୍ର ବିଦ୍ୟାଳୟ ଭିତରେ ଗୋଚର ଜମି ହୋଇଥିବାରୁ ସେଠାରେ କେନ୍ଦ୍ର ନିର୍ମାଣ ହୋଇପାରିବ ନାହିଁ। ମାତ୍ର ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସେ କିଛି ମତ ଦେଇପାରିବେ ନାହିଁ ବୋଲି କହିଥିଲେ।

## ସଂକ୍ଷେପରେ

### ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

**କଳିଙ୍ଗନଗର,୧୩।୧୦(ଡି.ଏନ୍.ଏ.):** କାଳିଆପାଣି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହଣ ହୋଇଥିବା ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୭୪/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ରବିବାର ସକାଳେ କାଳିଆପାଣି ଅଞ୍ଚଳରେ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ କାଳିଆପାଣି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମହାରଣା। ଦଶହରା ସମୟରେ ନାବାଳିକା ଜଣଙ୍କ ବୁଲୁଥିବାବେଳେ ପୂର୍ଣ୍ଣଚନ୍ଦ୍ର ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ପୃଥକ୍ ମାମଲାରେ ୨ କୋର୍ଟ ଚାଲାଣ

**ବାଲିଚନ୍ଦ୍ରପୁର,୧୩।୧୦(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ପୋଲିସ ରବିବାର ୩ ପୃଥକ୍ ମାମଲାରେ ୨ ଜଣଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ଜଣଙ୍କୁ ଯୁଭେନାଲ ବାଲ ଅଦାଲତ ପଠାଇଛି। ମାମଲା ଗୁଡିକ ମଧ୍ୟରୁ ୨ଟି ନାବାଳିକାଙ୍କୁ ଅସଦାଚାରଣ ମାମଲା ରହିଛି । ଅନ୍ୟଟି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ ଥାନା ଅଞ୍ଚଳର ଜଣେ ନାବଳିକାଙ୍କୁ ଅସାଦାଚାରଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏକ ମାମଲା (ନଂ.୨୫୨/୧୯) ରୁଜୁକରି ମୁଖ୍ୟ ଅଭିଯୁକ୍ତ ଗ୍ରାମର ସମୀର ମଲ୍ଲିକଙ୍କୁ ପୋଲିସ ଗିରଫ କରିଥିଲା। ସମୀରର ୩ ସହଯୋଗୀ ଫେରାର ଅଛନ୍ତି। ସେହିପରି ପୋଲିସ ଅସଦାଚରଣ ମାମଲା (ନଂ.୨୫୩/୧୯) ଆଧାରରେ ଜଣେ ନାବାଳକଙ୍କୁ ଯୁଭେନାଲ ବାଲ ଅଦାଲତ ପଠାଇଛି। ଗତ ମାସ ୨୦ ତାରିଖରେ ମାହାଙ୍ଗା ଥାନା ଅନ୍ତର୍ଗତ ପଣସପୁର ଗ୍ରାମର କ୍ଷୀତିଶ ମହାରଣାଙ୍କୁ ବାଲିଚନ୍ଦ୍ରପୁର ଠାରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଭୁଦେବ ସେଠୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଆଶା ଆଶଙ୍କାରେ ଭୂତଳ ତୈଳ ଭଣ୍ଡାର ନିର୍ମାଣ

**ଚଣ୍ଡିଖୋଲ,୧୩।୧୦(ଡି.ଏନ.ଏ)**

**ଚଣ୍ଡିଖୋଲ**



- ମିଳିଛି କ୍ୟାବିନେଟ ମଞ୍ଜୁରୀ, ସରିଛି ବ୍ୟୟ ଅଟକଳ
- ପାଦେ ଆଗେଇନି ପ୍ରକଳ୍ପ କାର୍ଯ୍ୟ
- ଜମି ଅଧିଗ୍ରହଣ ହେଲେ କାର୍ଯ୍ୟ ଆରମ୍ଭ ହେବ: କେନ୍ଦ୍ରମନ୍ତ୍ରୀ

ଯାଜପୁର ଜିଲା ଚଣ୍ଡିଖୋଲଠାରେ ଭୂତଳ ତୈଳ ଭଣ୍ଡାର ସଂରକ୍ଷଣାଳୟ ନିର୍ମାଣ ହେବା ଦ୍ୱାରା ନିଯୁକ୍ତି ସୃଷ୍ଟି ହେବ। ଏଥିସହ ରାଜ୍ୟର ବିକାଶ ହେବ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ମାତ୍ର ଏହି ଘୋଷଣାକୁ ୨ବର୍ଷ ଅତିକ୍ରାନ୍ତ କରିସାରିଥିଲେ ବି କୌଣସି କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସୂଚନା ଥାଉକି, ୨୦୧୬-୧୭ରେ ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପାଇଁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ଦେଶର ଏହି ବୃହତ ପ୍ରକଳ୍ପ ଦ୍ୱାରା ୪ ମିଲିୟନ ମେଟ୍ରିକ ଟନ ତୈଳ ସଂରକ୍ଷଣ ହୋଇ ରହିପାରିବ। ଏହାକୁ ୨୦୧୮ ଜୁନ ୨୭ରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିବା ସହ ୬ହଜାର ୫ଶହ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା। ଏସବୁ ସତ୍ତ୍ୱେ ଅଦ୍ୟାବଧି ପ୍ରକଳ୍ପ କାର୍ଯ୍ୟ ପାଦେ ଆଗେଇପାରି ନାହିଁ। ଏହି ପ୍ରକଳ୍ପ ପାଇଁ ୪ଶହ ଏକର ଜମି ଚିହ୍ନଟ ହୋଇସାରିଛି। ସେଥିପାଇଁ ଚଣ୍ଡିଖୋଲ ନିକଟସ୍ଥ ଧର୍ମଶାଳା ତହସିଲ ଡଙ୍କାରୀ ମୌଜାରେ ଏହି ପ୍ରକଳ୍ପ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ପେଟ୍ରୋଲିୟମ ରିଜର୍ଭ ପ୍ରକଳ୍ପରେ ୬ହଜାର ୫ଶହ କୋଟି ଟଙ୍କା ସରକାର ବିନିଯୋଗ କରିବାକୁ ଥିଲାବେଳେ ୫ବର୍ଷ ମଧ୍ୟରେ ୪ହଜାର କର୍ମ ଦିବସ ସୃଷ୍ଟି କରାଯିବ ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଏହି ବୃହତ ମେଗା ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବହୁବାର ସମୀକ୍ଷା ବୈଠକ କରାଯିବା ସହ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ପଦାଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି। ଏଥିରେ ଡଙ୍କାରୀରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଦୀର୍ଘ ୧୦୦ କି.ମି. ପାଇପ୍ ଲାଇନ ବିଛାଯିବା ସହ ସମୁଦ୍ର ମଧ୍ୟରେ ବୋରୱେଲ ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ରହିଛି। ଏଥିସହିତ ପେଟ୍ରୋଲିୟମ ରିଜର୍ଭରୁ ପ୍ରାକୃତିକ ଇନ୍ଧନ ବାହାରିବାର ଯୋଜନା ମଧ୍ୟ ରହିଛି। ଏହି ମେଗା ପ୍ରକଳ୍ପ ନିର୍ମାଣ ହେଲେ ଚଣ୍ଡିଖୋଲରୁ ପାରାଦ୍ୱୀପ ପର୍ଯ୍ୟନ୍ତ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ୭ଶହ ଏକର ବିଶିଷ୍ଟ ସ୍ଥାନରୁ ଜିଲା ପ୍ରଶାସନ ୪ଶହ ଏକର ପ୍ରଦାନ କରିବାକୁ ଥିବାବେଳେ ଏଥିପାଇଁ ଜିଲା ପ୍ରଶାସନ ତରଫରୁ କୌଣସି ଆଗ୍ରହ ପ୍ରକାଶ ପାଉନାହିଁ। ପ୍ରସ୍ତାବିତ ସ୍ଥାନରେ କୌଣସି ବିଶେଷ ଧରଣର ଜନବସତି ନ ଥିବାବେଳେ ସମ୍ପୂର୍ଣ୍ଣ ସ୍ଥାନଟି ସରକାରୀ ହୋଇଥିବାରୁ ଏଥିରେ ହସ୍ତାନ୍ତର କରିବାରେ ସେପରି କୌଣସି ଅସୁବିଧା ନାହିଁ। ତଥାପି କେନ୍ଦ୍ରୀୟ ବଜେଟରେ ଦୁଇବର୍ଷ ତଳୁ ମଞ୍ଜୁରୀ ମିଳସାରିଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟ ଆଗେଇପାରୁ ନାହିଁ। ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟରେ ଅନୁଷ୍ଠିତ ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନର ରୌପ୍ୟ ଜୟନ୍ତୀ ଉତ୍ସବକୁ ମୁଖ୍ୟ ଅତିଥି ହୋଇ ଆସିଥିବାବେଳେ ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ, ରାଜ୍ୟ ସରକାର ଯେତେ ଶୀଘ୍ର ଜମି ଅଧିଗ୍ରହଣ କରି ଦେବେ କାର୍ଯ୍ୟ ସେତେ ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ।

### ଆନ୍ତଃରାଜ୍ୟ ସିବିଏସ୍‌ଇ କବାଡି ପ୍ରତିଯୋଗିତା
## ଫାଇନାଲକୁ ପ୍ରବେଶ କଲେ ୬ ଦଳ

**ଯାଜପୁର ରୋଡ,୧୩।୧୦(ନି.ପ୍ର.):** ବ୍ୟାସନଗର ପବ୍ଲିକ୍ ସ୍କୁଲଠାରେ ସିବିଏସ୍‌ଇ ପକ୍ଷରୁ ଆୟୋଜିତ ଆନ୍ତଃ ରାଜ୍ୟ କବାଡି ପ୍ରତିଯୋଗିତାରେ ରବିବାର ୨୫ଟି ମ୍ୟାଚ୍ ଖେଳାଯାଇଛି। ସେଥିରୁ ୬ ଦଳ ଫାଇନାଲକୁ ପ୍ରବେଶ କରିଛନ୍ତି। ସୋମବାର ଫାଇନାଲ ମ୍ୟାଚ୍ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଦାଦାଜୀ ମନ୍ଦିର ସ୍କୁଲ ଓ ଶିଭମ ବିଦ୍ୟାପୀଠ ଏବଂ ୧୯ ବର୍ଷରୁ କମ ବାଳିକା ବର୍ଗର ଫାଇନାଲ ମ୍ୟାଚ୍ ଡିଏଭି ସ୍କୁଲ ଓ ବିକାଶ ରେସିଡେନ୍‌ସିଆଲ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୧୭ ବର୍ଷରୁ କମ୍ ବାଳକରେ ଶଙ୍କର ଇଣ୍ଟରନ୍ୟାଶନାଲ ଓ ଲୟାଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବା ନେଇ ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ୧୯ ବର୍ଷରୁ କମ୍ ବାଳକ ସେମିଫାଇନାଲ ମ୍ୟାଚ ଖେଳାଯିବ। ପରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

### କାଳୀପୂଜା ପ୍ରସ୍ତୁତି ଆରମ୍ଭ
## ମୂର୍ତ୍ତି ନିର୍ମାଣ ପାଇଁ ଉଠିଲା ମାଟି

**ଯାଜପୁର ରୋଡ,୧୩।୧୦(ନି.ପ୍ର.)**



ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଯାଉଛି।

କାଳୀପୂଜାକୁ ସରସ ସୁନ୍ଦର କରିବା ନେଇ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶାସ୍ତ୍ର ଅନୁସାରେ କୁମାର ପୂର୍ଣ୍ଣିମା ଦିନରୁ ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠିବାର ପରମ୍ପରା ରହିଛି। ଏହି କ୍ରମରେ ରବିବାର ଯାଜପୁର ରୋଡ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ବୈତରଣୀ ନଦୀ ପୀଠ, ଶ୍ମଶାନ ଓ ବିଭିନ୍ନ ପବିତ୍ର ସ୍ଥାନରୁ ମାଟି ଉଠାଯାଇଛି। ସୋମବାର ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଛାଞ୍ଚ ବନ୍ଧା କାମ ଆରମ୍ଭ ହେବ। ଏଥିପାଇଁ ଶିଳ୍ପୀ ଓ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏହି ସହରର ସର୍ବପୁରାତନ ବସ-ଷ୍ଟାଣ୍ଡ, ଚୋରଦା, ଆର୍ଯ୍ୟନ କ୍ଲବ୍, ରେଳବାଇ, କୋପଣ୍ଡ, ନିଉ ମାର୍କେଟ୍, ଷ୍ଟିଲ୍ ସିଟି, ବ୍ୟାଙ୍କ ଷ୍ଟ୍ରିଟ୍, ଧବଳଗିରି, ଗୋପବନ୍ଧୁ ମାର୍ଗ, ରାଧାନାଥ ମାର୍ଗ ଓ କହ୍ନେଇପୁର ପ୍ରଭୃତି ପୂଜା ମଣ୍ଡପରେ ମାଟି ଉଠା କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି। ଚୋରଦା କମିଟି ପକ୍ଷରୁ ଚୋରଦା ଶ୍ମଶାନ, କୋପଣ୍ଡର ବ୍ୟାସସରୋବର ପୀଠ, ଆର୍ଯ୍ୟନ କ୍ଲବ୍ ଓ ଷ୍ଟିଲ୍ ସିଟି କ୍ଲବ୍ ପକ୍ଷରୁ ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟ, ଧବଳଗିରିର ଗଣ୍ଡନାଳରୁ ପାରମ୍ପରିକ ପୂଜା ବିଧିରେ ମାଟି ଉଠାଣ କରାଯାଇଛି।

## ଟ୍ରେନ୍‌ରୁ ପଡ଼ି ଯୁବକ ଗୁରୁତର

**ଯାଜପୁର ରୋଡ,୧୩।୧୦(ନି.ପ୍ର.)**

ଯାଜପୁର ରୋଡ ଷ୍ଟେଶନ ନିକଟରେ ରବିବାର ଜଣେ ଯୁବକ ଟ୍ରେନ୍‌ରୁ ଖସି ପଡି ଗୁରୁତର ହୋଇଛନ୍ତି। ଯୁବକ ଜଣଙ୍କ ବିହାର ରାଜ୍ୟର ଶୁମନ୍ତ କୁମାର ବୋଲି ଜଣାପଡିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଶୁଶାନ୍ତ ଧଉଳୀ ଟ୍ରେନ୍‌ରେ କଲିକତାରୁ ଭୁବନେଶ୍ୱର ଆସୁଥିବାବେଳ ଯାଜପୁର ରୋଡ୍ ଷ୍ଟେଶନ ପାଖରେ ପଡିଯାଇଥିଲେ। ଶହୀଦ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ।

### ଟିପ୍ପର ଧକ୍କାରେ ଯୁବକଙ୍କ ମୃତ୍ୟୁ
## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଧର୍ମଶାଳା/ଜେନାପୁର, ୧୩।୧୦(ଡି.ଏନ୍.ଏ.)**



ଦୁର୍ଘଟଣାସ୍ଥଳରେ ପୋଲିସ ସହ ସ୍ଥାନୀୟ ଲୋକ।

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତଳଗଡ ଗ୍ରାମ ବଳରାମପୁର ହାଇସ୍କୁଲ ନିକଟରେ ରବିବାର ଟିପ୍ପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ତଳଗଡ ଗ୍ରାମ ପଥୁରିଆ ସାହିର ପ୍ରଦୀପ ମଳିକ(୪୨)। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରଦୀପଙ୍କୁ ଯୋଜନାବଦ୍ଧଭାବେ ଗାଡି ଚଢ଼ାଇ ହତ୍ୟା କରାଯାଇଥିବ ସ୍ତ୍ରୀ ପ୍ରମିଳା ମଳିକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ ୨୪୦/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ପ୍ରଦୀପ ଓ ଗ୍ରାମର ଟିପ୍ପର ଡ୍ରାଇଭର ଶ୍ରୀଧର ମଳିକଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ଶତ୍ରୁତା ରହିଥିଲା। ରବିବାର ପ୍ରଦୀପ ଗ୍ରାମ ରାସ୍ତାରେ ଯାଉଥିଲେ। ଏହି ସମୟରେ ଶ୍ରୀଧର ଓଆର- ୦୯ଜି-୧୬୫୩ ନମ୍ବର ଟିପ୍ପର ତାଙ୍କ ଉପରେ ଚଢ଼ାଇଦେଇଥିଲେ। ଫଳରେ ପ୍ରଦୀପର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ଡ୍ରାଇଭରଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତିରେ ସୁଧାର ଆସିଥିଲା।



କୋରେଇସ୍ଥିତ ଜହ୍ନା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।



ଚଢ଼େଇଧରା ଗଡ଼ମଧୁପୁର ବେହେରାସାହିରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀ।



ଯାଜପୁର ଟାଉନଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।



ପାଣିକୋଇଲିଠାରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି।

# ଗଜଲକ୍ଷ୍ମୀ ପୂଜା ଆରମ୍ଭ, ଝଲସୁଛି ଯାଜପୁର

**ଯାଜପୁର ଅଫିସ,୧୩।୧୦**

ସାମାଜିକ ଜନଜୀବନ ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡିତ। କୁମାରୋତ୍ସବ ଆଶ୍ୱିନ ପୂର୍ଣ୍ଣିମା ତିଥିରେ ପାଳନ କରାଯାଉଥିବାବେଳେ ଏହିଦିନ ଜଗତଜନନୀ ମା' ଲକ୍ଷ୍ମୀଙ୍କ ଆରାଧନା ଓ କୁମାରୀଙ୍କ ଚନ୍ଦ୍ରପୂଜା ଏହି ପର୍ବର ବିଶେଷତ୍ୱ। ଏହି ପୂର୍ଣ୍ୟତିଥିଠାରୁ ଆରମ୍ଭ ହେଉଥିବା ଗଜଲକ୍ଷ୍ମୀ ପୂଜା ଯାଜପୁର ଜିଲାର ବ୍ୟାସନଗର, ଯାଜପୁର ଟାଉନ, ଚଣ୍ଡିଖୋଲ, ଜାରକା, ବିଞ୍ଝାରପୁର, ସୁକିନ୍ଦା ପ୍ରମୁଖ ସହରରେ ଆଗ୍ରହ ଓ ଉଦ୍ଦୀପନା ମଧ୍ୟରେ ଦୀର୍ଘବର୍ଷ ହେଲା ପାଳିତ ହୋଇ ଆସୁଛି। ରାଜ୍ୟର ବିଭିନ୍ନ ଜିଲା ପରେ ଯାଜପୁରରେ ଗଜଲକ୍ଷ୍ମୀ ପୂଜା ବହୁ ଆଡମ୍ବରରେ ଆୟୋଜିତ ହୋଇ ଏବେ କ୍ରମଶଃ ଜିଲାରେ ଏହାର ସ୍ୱତନ୍ତ୍ରତା ବଜାୟ ରଖିବାକୁ ସକ୍ଷମ ହୋଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ବସଷ୍ଟାଣ୍ଡ, ଚାନ୍ଦମା, ବଙ୍ଗାଳିସାହି, ଲକ୍ଷ୍ମୀ ମାର୍କେଟ, ଚୋର୍ଦ୍ଦାଛକ, ଧବଳଗିରି, ଚୋର୍ଦ୍ଦା, ବ୍ୟାଙ୍କ ଷ୍ଟ୍ରିଟ, ଫେରୋକ୍ରୋମ, ଗୋଶାଳା ଛକ ପ୍ରଭୃତି ସ୍ଥାନରେ ମା ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଏହି ପୂଜା ପ୍ରତିବର୍ଷ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଆସୁଛି। ଜିଲା ସଦର ମହକୁମା ଯାଜପୁର ଟାଉନର ବୈଦ୍ୟରାଜପୁର, ଅଠରନଳା, ଗଣପତିପୁର, ବଲ୍ଲଭିଘାଟ, ଖଣ୍ଡରାରେ ଗଜଲକ୍ଷ୍ମୀ ପୂଜା ପାଇଁ ଝଲସି ଉଠିଛି। କୁମାର ପୂର୍ଣ୍ଣିମାଠାରୁ ସପ୍ତାହେ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଗଜଲକ୍ଷ୍ମୀ ପୂଜା ପାଇଁ ସହର ଉତ୍ସବ ମୁଖର ହୋଇ ପଡିବା ସହ ଚଳଚଞ୍ଚଳ ହୋଇ ଉଠିଥାଏ। ନଭଶୁମ୍ବୀ ସୁଦୃଶ ତୋରଣ ଓ ଆଲୋକ ମାଳାରେ ସାରା ସହର ଝଲମଲ ହୋଇ ଉଠିଥାଏ। ପୂଜାକୁ ଅଧିକ ଆକର୍ଷଣୀୟ କରିବାରେ ପୂଜା କମିଟିର କର୍ମକର୍ତ୍ତାଠୁ ଆରମ୍ଭ କରି ସାହିର ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ଲାଗି ପଡ଼ିଥାନ୍ତି। ପୂଜା ଦେଖିବାକୁ ଆଖପାଖ ଅଞ୍ଚଳରୁ ବେଶ ଗହଳି ମଧ୍ୟ ହୋଇଥାଏ। ଏହିକ୍ରମରେ ରବିବାର ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ସନ୍ଧ୍ୟାରେ ପ୍ରତ୍ୟେକ ପୂଜା କମିଟିରୁ ଶୋଭାଯାତ୍ରା ବାହାରି କଳସୀବରଣ କରାଯାଇ ମଣ୍ଡପକୁ ଅଣାଯାଇଥିଲା। ରାତିରେ ଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମାର ଆବାହନୀ ପୂଜା ହୋଇଥିଲା। ମୂର୍ତ୍ତି, ମେଢ, ଆଲୋକ ସାଜସଜ୍ଜା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ କାରିଗର ଆସିଛନ୍ତି। ପ୍ରତ୍ୟେକ ପୂଜା କମିଟି ଚଳିତବର୍ଷ ୪ଲକ୍ଷରୁ ୫ଲକ୍ଷ ଟଙ୍କା ମଧ୍ୟରେ ବ୍ୟୟ ଅଟକଳ ରଖିଛନ୍ତି। ଏଥର ପୂଜା କମିଟିଗୁଡିକ ଆଲୋକସଜ୍ଜା ଉପରେ ଅଧିକ ଜୋର ଦେଇଛନ୍ତି। ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପୂଜା ସମୟରେ କୌଣସି ପ୍ରକାର ବିଶୃଙ୍ଖଳା ଯେମିତି ନ ହୁଏ ଓ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।



ବ୍ୟାସନଗର ଲକ୍ଷ୍ମୀ ମାର୍କେଟ



ଚଢ଼େଇଧରା କୁସନପୁର



ଧର୍ମଶାଳାସ୍ଥିତ କୁମାରୀ ଗ୍ରାମରେ ମା'ଙ୍କ ପୂଜାର୍ଚ୍ଚନା।

## ଗଜଲକ୍ଷ୍ମୀ ପୂଜା ପାଇଁ ବାଲିଚନ୍ଦ୍ରପୁର ଚଳଚଞ୍ଚଳ

**ବାଲିଚନ୍ଦ୍ରପୁର,୧୩।୧୦(ସ୍ୱ.ପ୍ର.)**

ଗଜଲକ୍ଷ୍ମୀ ପୂଜା ନେଇ ବାଲିଚନ୍ଦ୍ରପୁର ବଜାର ବେଶ ଚଳଚଞ୍ଚଳ ହୋଇଛି। ଚଳିତ ବର୍ଷ ବାଲିଚନ୍ଦ୍ରପୁର ଓ ଏହାର ଆଖପାଖ ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା' ପୂଜା ପାଉଛନ୍ତି। ରବିବାର ରାତିରୁ ମା' ଙ୍କର ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ବାଲିଚନ୍ଦ୍ରପୁର ବଜାରର ଲକ୍ଷ୍ମୀବାଜର, ଶାମସୁନ୍ଦର, ପରିବା ମାର୍କେଟ, ମଙ୍ଗଳା ବଜାର, ସରସ୍ୱତୀ, ଜଗନ୍ନାଥ ବଜାର ଆଦି ସ୍ଥାନରେ ୧୨ରୁ ଉର୍ଦ୍ଧ୍ୱ ମେଢ ହୋଇଛି। କୁସୁପୁର, ପତରାଜପୁର, ନାନପୁର, ପଲାଇ, ଆମ୍ବସୌରୀ, ବାଲିପଡ଼ିଆ, ବନ୍ଦରେଶ୍ୱର, ଟିଗିରିଆ, ଖଡକପୁର, ଗୋପାଳପୁର, ବାଲିକୁଦା ଆଦି ସ୍ଥାନ ମାନଙ୍କରେ ପାଖାପାଖି ୩୦ରୁ ସ୍ଥାରେ ପୂଜା କରାଯାଉଛି। ଏ ନେଇ ପୂଜା ମଣ୍ଡପଗୁଡିକୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସଜ୍ଜା ଯାଇଛି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ପୂଜାକୁ ଦୃଷ୍ଟିର ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହିତ ବାଲିଚନ୍ଦ୍ରପୁର ବଜାରର ଟ୍ରାଫିକ ନିୟନ୍ତ୍ରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ ପାତ୍ର ବିଭିନ୍ନ ପୂଜା କମିଟିର କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରି ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ମହାନଦୀ ପୋଲରୁ ଟ୍ରକ୍ ଚାଳକ ଖସିପଡ଼ିଥିବା ଚର୍ଚ୍ଚା

**ପାରାଦୀପ,୧୩।୧୦(ସ୍ୱ.ପ୍ର.):** ପାରାଦୀପ-ଚଣ୍ଡିଖୋଲ ୫ନଂ.(କ) ଜାତୀୟ ରାଜପଥର ମହାନଦୀ ପୋଲ ତଳକୁ ଜଣେ ଟ୍ରକ୍ ଚାଳକ ରବିବାର ସନ୍ଧ୍ୟାରେ ଖସିପଡ଼ିଥିବା ଚର୍ଚ୍ଚା ହେଉଛି। ଏପରିକି ଘଟଣାସ୍ଥଳରେ ଲକ୍ ଥାନା, ମାର୍ଶାଘାଇ ଥାନା ପୋଲିସ ଓ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ପହଞ୍ଚି ଖୋଳତାଡ଼ କରିଛନ୍ତି। କିନ୍ତୁ ନିଖୋଜଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ମହାନଦୀ ପୋଲ ଉପରେ ଶତାଧିକ ଭାରିଯାନ ଧାଡ଼ିରେ ଅଟକି ରହିଛି। କୌଣସି ଏକ ଟ୍ରକ୍ ଚାଳକ ପାଣିକୁ ଖସିପଡ଼ିଥିଲେ ବୋଲି ପୋଲିସକୁ ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅନ୍ୟ ଟ୍ରକ୍ ଚାଳକଙ୍କୁ ପଚରାଉଚରା କରୁଛି ବୋଲି ଲକ୍ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ମହାନଦୀ ପୋଲର କେଉଁ ସ୍ଥାନରେ ସେ ପଡିଛନ୍ତି ତାହା ଜଣାପଡିନାହିଁ। ସ୍ଥାନ ଚିହ୍ନଟ ହେଲେ ସମ୍ପୃକ୍ତ ଥାନା ତଦନ୍ତ କରିବ। ସୂଚନାଯୋଗ୍ୟ, ୯୭୦ ମିଟର ପୋଲର ଅର୍ଦ୍ଧେକ ଲକ୍ ଥାନା ଓ ଆଉ ଅର୍ଦ୍ଧେକ ମାର୍ଶାଘାଇ ଥାନା ଅଧୀନରେ ଅଛି।

### ସୁଶାନ୍ତ ପଟ୍ଟନାୟକ ହେଲେ ଆଥ୍‌ଲେଟିକ୍ କ୍ଲବ୍ ସମ୍ପାଦକ



**କୁଜଙ୍ଗ, ୧୩।୧୦(ସ୍ୱ.ପ୍ର.)-** କୁଜଙ୍ଗ ଆଥ୍‌ଲେଟିକ୍ କ୍ଲବ୍‌ର କାର୍ଯ୍ୟକାରୀ ସମ୍ପାଦକ ଭାବେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ ମନୋନିତ ହୋଇଛନ୍ତି। ରବିବାର କ୍ଲବ ପରିସରରେ ସଭାପତି ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ତାଙ୍କୁ ମନୋନିତ କରାଯାଇଥିଲା। ପ୍ରକାଶ ଯେ, ଦୀର୍ଘଦିନ ଧରି ଆଥ୍‌ଲେଟିକ କ୍ଲବ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ଭରତ କୁମାର ସାହୁଙ୍କ ଅକାଳ ବିୟୋଗ ପରେ ଉକ୍ତ ପଦବୀ ଖାଲିପଡିଥିଲା। ପଟ୍ଟନାୟକ ପୂର୍ବରୁ ଉପସଭାପତି ଭାବେ କାର୍ଯ୍ୟ କରିଆସୁଛନ୍ତି। ଚଳିତ ମାସ ସୁଧା କ୍ଲବ୍‌ର ଏକ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯିବ। ସେ ପର୍ଯ୍ୟନ୍ତ ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ତୁଲାଇବେ। ଆସନ୍ତା ମାସରେ ପୂର୍ବତନ ସମ୍ପାଦକଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ କରାଯିବ। ଏଥିସହ କ୍ଲବ୍‌ର ନୂତନ ସଦସ୍ୟତା ଆରମ୍ଭ କରାଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ସଭାପତି ଦାସ ସୂଚନା ଦେଇଛନ୍ତି। ଉପସଭାପତି ଏ.ଏନ.ଡି. ଯାଦବ, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଦାସ, ହିମାଂଶୁ ମହାନ୍ତି, ବିଶ୍ୱନାଥ ମଲିକ୍, ଏସ୍.କେ. ରସିଦ୍‌ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

### ମୁନି ସମାଜ ପକ୍ଷରୁ ଯୋଗେଶ୍ୱର ଶିବମୁନିଙ୍କ ଜୟନ୍ତୀ

**ରଘୁନାଥପୁର, ୧୩।୧୦ (ଡି.ଏନ.ଏ.)-** ରଘୁନାଥପୁର ବ୍ଲକ ବଡକୋରକୋର (ଖର୍ଦ୍ଦାସାହି)ଠାରେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ, ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଆଦିମୁନିଶ୍ୱର ଯୋଗେଶ୍ୱର ଶିବମୁନିଙ୍କ ୧୩୫ ତମ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁନି ସମାଜ ରାଜ୍ୟ ସମ୍ପାଦକ ଯୋଗୀ ଧ୍ରୁବମୁନି ସତ୍ୟ ପତାକା ଉତ୍ତୋଳନ କରିଥିଲେ। ଯୋଗୀ ମହେନ୍ଦ୍ର ମୁନିଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ ଗାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲା ସଂଘ ସଭାପତି ଯୋଗୀ ବଳରାମ ମୁନିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଧ୍ରୁବମୁନି, ମାନବ ଜନ୍ମ ଶ୍ରେଷ୍ଠ ଜନ୍ମ ଓ ନିଜ ଭିତରେ ଥିବା ଆତ୍ମା ରୂପକ ଈଶ୍ୱରଙ୍କୁ ପ୍ରଥମେ ଅରାଧନା କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଯୋଗୀ ଦଶରଥ ମୁନି ସମ୍ମାନିତ ଅତିଥି ଭାବେ ପ୍ରତ୍ୟେକ ବ୍ୟକ୍ତି ସ୍ଥିର ଚିନ୍ତନ ଓ ଯୋଗ ମାଧମରେ ଶରୀରକୁ ସୁସ୍ଥ ରଖିବା ସହ ଈଶ୍ୱରଙ୍କୁ ସ୍ମରଣ କରିବାକୁ ପରାମର୍ଶ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗୀ ମହେନ୍ଦ୍ର ମୁନି, ଅଭୟ ମୁନି, କୃଷ୍ଣ ମୁନି, ନିରଞ୍ଜନ ମୁନି ଯୋଗଥିଲେ। ପାରେଶ୍ୱର ମୁନି ସମାଜ ଶାଖାର ସଦସ୍ୟମାନେ ମୁନି ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ଜିଲା ସଂଘ ସମ୍ପାଦକ ମୁନିରାଜ କ୍ଷୀରୋଦ ମୁନି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ କୋଷାଧକ୍ଷ ଅଜୟ ମୁନି ଧନ୍ୟବାଦ ଦେଇଥିଲେ।



ବିରିଡ଼ି ବ୍ଲକର ଅଢ଼ଙ୍ଗ ବ୍ରହ୍ମପୁର ସାହିରେ ପୂଜା ପାଉଥିବା ଗଜଲକ୍ଷ୍ମୀ।



ପଣ୍ଡିଆଠାରେ ହୋଇଥିବା ଆକର୍ଷଣୀୟ ମୂର୍ତ୍ତି।



ମଙ୍ଗୁଳିଠାରେ ଗଜଲକ୍ଷ୍ମୀଙ୍କ ପୂଜାମଣ୍ଡପ।

# ଜମୁଛି ଗଜଲକ୍ଷ୍ମୀ ପୂଜା

**ବିରିଡ଼ି,୧୩।୧୦(ଡି.ଏନ.ଏ.)**

ବିରିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସୁନ୍ଦର ତୋରଣ ଓ ସାଜସଜା କରାଯାଇଛି। ବିଶେଷକରି ପଣ୍ଡିଆସ୍ଥିତ ମା’ ଶାରଳା ରାଇସ୍ ମିଲ୍, କଳୁକଇଜଙ୍ଗାର ନାୟକ ସାହି, ବାଇଶିମୌଜାର କମଳପୁର, ଚାଷିଖଣ୍ଡ ଆନନ୍ଦ ବଜାର, ବାସନ୍ଦରାର ବାଇପଦା, ଅଲ୍ଲୀପଡା, ମଙ୍ଗୁଳି ପଞ୍ଚାତର ବଣୁଆ ସାହି, ମହାନ୍ତି ସାହି, ପାର୍ବତୀପୁର, କଣ୍ଟୁଆର, ଅଢଙ୍ଗଗଡ଼, ଅଢଙ୍ଗ ମଜୁରାଇ, ଶିବପୁର, ଶଙ୍କରପୁର, ହାଜିପୁରର ଭୂୟାଁ ସାହି, ବସନ୍ତପୁର, ଅଲାଣ୍ଡୋ ପଞ୍ଚାୟତର ବଣିଆସାହି, ସାହାବାଦର ଭୋଇ ସାହି, ଅରଣା, ବଡ଼ଖଣ୍ଡାୟତ ପଞ୍ଚାୟତର ବଡ଼ଖଣ୍ଡାୟିତ, ଗୋଠପଦା, ବରିପଦା, ଦରଡ଼ା ପଞ୍ଚାୟତର ଦରଡ଼ାପାରି, ହାଟୁଆରୀ, ପଟୁଆରି, ଉତ୍ତରଶାସନ ପଞ୍ଚାୟତର ନୂଆଗାଁ ଭୋଇ ସାହି, ବାଗଲପୁର, ଅଢଙ୍ଗ ବ୍ରହ୍ମପୁର ସାହି ଆଦି ୨୬ଟି ସ୍ଥାନରେ ମା’ ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ଉପଲକ୍ଷେ ରବିବାର ଜଳଯାତ୍ରା, ଅଧିବାସ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ସନ୍ଧ୍ୟା ଆଳତୀ, କାର୍ଯ୍ୟ ସମାପନ ହୋଇଛି। ସୋମବାର ସୂର୍ଯ୍ୟପୂଜା, ଗୋପୂଜା, ମହାସ୍ନାନ, ବାସ୍ତୁପୂଜା, ଗୀତାଯଜ୍ଞ, ସନ୍ଧ୍ୟା ଆଳତୀ, ମଙ୍ଗଳବାର ମହାଲକ୍ଷ୍ମୀ ନୃସିଂହ ସହସ୍ର ନାମ ଆହୂତି ହେବ। ବୁଧବାର ଷୋଡ଼ଶ ଉପଚାର ପୂଜା ଓ ପୂଜା ମଣ୍ଡପରେ ମା’ ଲକ୍ଷ୍ମୀଙ୍କୁ ବଡ଼ ଭୋଗ ଲାଗି କରାଯିବ। କେତେକ ପୂଜା କମିଟି ଗୁରୁବାର ଓ ଆଉ କେତେଜଣ ଆୟୋଜକ ରବିବାର ଭସାଣି ଉତ୍ସବ କରିବେ ବୋଲି ଜଣାପଡିଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ମେଲୋଡି ଓ ସଙ୍ଗୀତ ସମାରୋହ କରାଯାଉଛି।



ପାରାଦୀପର ଏକ ପୂଜାମଣ୍ଡପରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।



ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଜନାପାଳରେ କଳସ ଶୋଭାଯାତ୍ରା।

### ଜନାପାଳ ଉତ୍ସବ ମୁଖର

**କୁଜଙ୍ଗ, (ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତର ଜନାପାଳ ଛକରେ ମା’ ଗଜଲକ୍ଷ୍ମୀ ସାଂସ୍କୃତିକ ପରିଷଦ ପକ୍ଷରୁ ଗଜଲକ୍ଷ୍ମୀ ପୂଜା କରାଯାଉଛି। ଏଥିପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। ଗତ ସପ୍ତାହରେ ମା’ଙ୍କ ପାଇଁ ମାଟି ଅନୁକୂଳ କରାଯାଇଥିଲା। ରବିବାର କଳସ ଶୋଭାଯାତ୍ରା ସହ ମା’ଙ୍କ ଆବାହନୀ କରାଯାଇଛି। ଗ୍ରାମର ଯୁବକମାନେ କଳସୀ ଧରି ଗ୍ରାମ ପରିକ୍ରମା କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ହୋମଯଜ୍ଞ କରାଯାଇଥିଲା। ୫ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ହେବ। ଅକ୍ଷୟ ଦାସ, ଅଶୋକ ଦାସ, ନିକୁଞ୍ଜ କିଶୋର ଚୌଧୁରୀ, ପ୍ରଦୀପ୍ତ ପ୍ରଧାନ, ଧିରେନ୍ଦ୍ର ଦାସ, ଅକ୍ଷୟ ସାହୁ, ବାବୁ ଦାସ, ଅକ୍ଷୟ ଦାସ(ଅଖନ), ଶରତ ଦାସ, ରମେଶ ପ୍ରଧାନ, ଗଗନ ସାହୁ, ଜିତେନ୍ଦ୍ର ପ୍ରଧାନ, ଉତ୍କଳ ବିର୍ଯ୍ୟ ମହାପାତ୍ର, ସବ୍ୟସାଚୀ ଚୌଧୁରୀ, ପପୁନା ଦାସ, ଶିବସୁନ୍ଦର ଦାସ, ନିରଞ୍ଜନ ଦାସ, ଭଞ୍ଜ କିଶୋର ସାହୁ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ପୂଜା ପରିଚାଳନା କରୁଛନ୍ତି। ଯଜ୍ଞରେ କର୍ତ୍ତାରୂପେ ବିଭୂତି ଭୂଷଣ ଦାସ ଓ ସଙ୍ଗୀତା ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ।

### ପାରାଦୀପରେ ଗଜଲକ୍ଷ୍ମୀ ପୂଜା

**ପାରାଦୀପ,(ସ୍ୱ.ପ୍ର.)**

ପାରାଦୀପର ବିଭିନ୍ନ ସ୍ଥାନରେ ମା’ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଗଡ଼ ବଜାରରେ ଥିବା ଓମ୍ ବଣିକ ସଂଘ ପକ୍ଷରୁ ଆୟୋଜିତ ପୂଜା ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ପୂଜା ୫ଦିନ ଧରି ଚାଲିବ ବୋଲି ପୂଜା କମିଟି ସଭାପତି ସୁଜିତ କୁମାର ନାୟକ କହିଛନ୍ତି। ସେହିପରି ନୂଆବଜାର, ମଧୁବନ କ୍ୟାବିନ ମାର୍କେଟ, ବିଲ୍ଡିଂ ମାର୍କେଟ, ବଡ଼ପଡିଆ ପରିବା ମାର୍କେଟ, ନେହେରୁ ବଙ୍ଗଳା ବଜାର, ଷଣ୍ଢକୁଦ ବସ୍ତି ଅଞ୍ଚଳରେ ଏହି ପୂଜା ଆରମ୍ଭ ହୋଇଛି।

## ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୧୩।୧୦**

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆରେ ଜଣେ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ରତ୍ନାକର ସାହୁଙ୍କ ଝିଅ ରଶ୍ମିରେଖା ବିଶ୍ୱକଲ୍ୟାଣୀ ସାହୁ। ତାଙ୍କ ବାଡ଼ ହାଣି ଜବରଦସ୍ତ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରାଯାଉଥିବା ବେଳେ ସେ ବିରୋଧ କରିଥିଲେ। ତେଣୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିବା ରଶ୍ମିରେଖା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏନେଇ ପୋଲିସ ଦଫା ୩୪୧/ ୩୨୩/ ୩୫୪/ ୩୫୪(ବି)/ ୨୯୫/ ୫୦୬/ ୩୪ ଆଇପିସିରେ ମାମଲା ନଂ ୭୬/୧୯ ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖରେ ଏହି ଗାଁର ସଞ୍ଜୁ ସୂତାର ରଶ୍ମିରେଖାଙ୍କ ବାଡ଼ ହାଣିଥିଲେ। ରଶ୍ମିରେଖା କ’ଣ ପାଇଁ ବାଡ଼ ହାଣୁଛୁ ବୋଲି ପଚାରିବାରେ ସଞ୍ଜୁ ରାସ୍ତା ହେବ ବୋଲି କହିଥିଲେ। ରଶ୍ମିରେଖା ବାରଣ କରିବାରୁ ସେ ଶୁଣି ନ ଥିଲେ। ଏ ପରିକି ଜବରଦସ୍ତ ବାଡ଼ କାଟି ରାସ୍ତା କରିବେ ବୋଲି ଧମକାଇଥିଲେ। ରଶ୍ମିରେଖା ବାଡ଼ ହଣା ବନ୍ଦ କରିବାରୁ ସଞ୍ଜୁ, ସର୍ବେଶ୍ୱର ସୂତାର, ଦୀପକ ସୂତାର, ସବିତା ସୂତାର, ହୃଷିକେଶ ସୂତାର, ମିଳିନା ସୂତାର ପ୍ରମୁଖ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ନିବସ୍ତ୍ର କରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ସୌଭାଗ୍ୟ ବସତଃ ରଶ୍ମିରେଖା ସେମାନଙ୍କ କବଳରୁ ଖସିଯାଇ ଘର ଭିତରେ ପଶି କବାଟ ବନ୍ଦ କରିଦେବାରୁ ରକ୍ଷା ପାଇଯାଇଥିଲେ। ସେମାନେ ରଶ୍ମିରେଖାଙ୍କ ଭିନ୍ନକ୍ଷମ ଭାଇଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିବେ ବୋଲି ଧମକ ଦେଇଥିଲେ। ରଶ୍ମିରେଖାଙ୍କ ବାପା ମଧ୍ୟ ଜଣେ ଭିନ୍ନକ୍ଷମ। ଏ ପରିସ୍ଥିତିରେ ରଶ୍ମିରେଖାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ସୁରକ୍ଷା ପାଇଁ ପୋଲିସ ସହାୟତା ଲୋଡିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ରଘୁନାଥପୁର, ୧୩।୧୦ (ଡି.ଏନ.ଏ.)**

ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ହରିଶପୁରଠାରେ ଅଜଣା ବାଇକ୍ ଧକ୍କାରେ ଶନିବାର ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳା ଜଣଙ୍କ ହେଲେ ସ୍ଥାନୀୟ ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ଦାଶଙ୍କ ସ୍ତ୍ରୀ ଶୈଳବାଳା। ନିକଟସ୍ଥ ହଲରରେ ଧାନ ପେଷାଇ ଫେରୁଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଶୈଳବାଳା କଂକ୍ରିଟ ରାସ୍ତା ଉପରେ ପଡି ଯିବାରୁ ଛାତିରେ ଗଭୀର ଅଘାତ ଲାଗିଥିଲା। ଏହାଛଡା ଗୋଡ ଭାଙ୍ଗିଯିବା ସହ ମୁଣ୍ଡ ପଛପଟ ମାଡ ହୋଇଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ବଡ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପରେ ପୁଅ ବୃନ୍ଦାବନଙ୍କୁ ହସ୍ତାନ୍ତର କରାଯାଇଥିଲା। ବୃନ୍ଦାବନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଓ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

■ ଯୁବକ ଜୀବନ୍ତ ଜଳିଯିବା ଘଟଣା

## ସିବିଆଇ ତଦନ୍ତ ଦାବି କଲେ ମାନବାଧିକାର ସଂଯୋଜକ

**ବାଲିକୁଦା, ୧୩।୧୦(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଢଙ୍ଗା ପଞ୍ଚାୟତ ଦେବଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ ଉପରେ ଗତ ୬ ତାରିଖ ରାତିରେ ଜଣେ ଯୁବକ ଜୀବନ୍ତ ଜଳିଯାଇଥିଲେ। ଇତିମଧ୍ୟରେ ମୃତ ଯୁବକ ନୟାଗଡ଼ ଜିଲା ରଣପୁର ବ୍ଲକ ଝାରପଡ଼ା ପଞ୍ଚାୟତ ବୋକାଖାଇ ଗ୍ରାମର କୃଷ୍ଣଚନ୍ଦ୍ର ଚମ୍ପତିରାୟ ବୋଲି ଜଣାପଡିଥିଲେ ମଧ୍ୟ ଘଟଣାର ପର୍ଦ୍ଦାଫାଶ ହୋଇପାରିନାହିଁ। ଏପରିକି କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଏଭଳି ସ୍ଥିତିରେ ରବିବାର ଅଲ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ମାନବାଧିକାର କମିସନ ଓଡିଶା ସଂଯୋଜକ ସୁଶାନ୍ତ କୁମାର କାନୁନ୍‌ଗୋ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। କାନୁନ୍‌ଗୋ ମୃତକଙ୍କ ସ୍ତ୍ରୀ ରଶ୍ମିତା, ମା’ରୁକ୍ମଣୀ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ଏଥିରେ ଏକାଧିକ ଅଭିଯୁକ୍ତ ସାମିଲ ଅଛନ୍ତି। ଏହାର ସଠିକ୍ ତଦନ୍ତ କରାଗଲେ ଅସଲ କଥା ପଦାକୁ ଆସିବ। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପାଇଁ ଯେହେତୁ ଜଗତ୍‌ସିଂହପୁର ଦୂର ହେଉଛି ଓ ମାମଲା ପରିଚାଳନା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି, ସେଥିପାଇଁ ଏହି ମାମଲାର ବିଚାର ନୟାଗଡ଼ କୋର୍ଟକୁ ସ୍ଥାନାନ୍ତର କରିବାକୁ ସେ ଦାବି କରିଛନ୍ତି। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଦାବି ଜଣାଇଛନ୍ତି। ମୃତ କୃଷ୍ଣଙ୍କ ସ୍ତ୍ରୀ ରଶ୍ମିତା ମଧ୍ୟ କହିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି। ତାଙ୍କ ପରିବାରକୁ ଯେଉଁମାନେ ବଡ଼ଦାଣ୍ଡରେ ବସାଇଛନ୍ତି ସେମାନଙ୍କୁ ଫାଶି ଦଣ୍ଡ ମିଳିବା ଦରକାର ବୋଲି ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥିବା କହିଛନ୍ତି। ରୋଜଗାରିଆ ପୁଅକୁ ହରାଇଥିବା କୃଷ୍ଣଙ୍କ ମା’ଙ୍କ ଅବସ୍ଥା କହିଲେ ନ ସରେ। ତାଙ୍କ ପାଟିରୁ କଥା ବାହାରୁନି। ପୁଅକୁ ହରାଇ ସେ କେବଳ ଆଖିରୁ ଲୁହ ଗଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ କାନୁନ୍‌ଗୋ ସେଠାରୁ ସନ୍ଧ୍ୟାରେ ଫେରି ଜଗତ୍‌ସିଂହପୁର ଏସ୍‌ପିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଦେବଗ୍ରାମର ଜଣେ ମହିଳାଙ୍କ ସହ କୃଷ୍ଣଙ୍କର ପ୍ରେମ ସମ୍ପର୍କ ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି କୃଷ୍ଣ ପୋଡ଼ିହୋଇ ଆତ୍ମହତ୍ୟା କରିଥିବା ପୋଲିସ କହୁଛି। ମାତ୍ର କୃଷ୍ଣଙ୍କ ପରିବାର ଲୋକେ ବିଶେଷ କରି ତାଙ୍କ ସ୍ତ୍ରୀ ରଶ୍ମିତା ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। କୃଷ୍ଣଙ୍କୁ ଫୋନ ଯୋଗେ ଡାକି ନେଇ ହତ୍ୟା କରାଯାଇଛି ବୋଲି ସେ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି।

## ଜିଲାପାଳଙ୍କ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

**ଜଗତ୍‌ସିଂହପୁର ଅଫିସ,୧୩।୧୦**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶନିବାର ରାତି ୧୧ଟା ୩୦ରେ ଅଚାନକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରୋଗୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ପରିବେଶ ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। ଚିକିତ୍ସାଳୟରେ ଡାକ୍ତର ଓ ନର୍ସମାନଙ୍କ ଉପସ୍ଥିତି ତଦାରଖ କରିଥିଲେ। ତତ୍କାଳ ପଦକ୍ଷେପ ଗ୍ରହଣ କରି ଏକ ନବଜାତ ଶିଶୁକୁ ଶଯ୍ୟାକୁ ସ୍ଥାନାନ୍ତର କରିଥିଲେ। କର୍ତ୍ତବ୍ୟରତ ଚିକିତ୍ସକଙ୍କ ସହ ଆଲୋଚନା କରି ଏକ ଆସନ୍ନ ପ୍ରସବାଙ୍କ ପାଇଁ ସୁବ୍ୟବସ୍ଥା କରିଥିଲେ। ଜିଲାପାଳଙ୍କ ଏହି ପଦକ୍ଷେପ ଫଳରେ ରୋଗୀ ଓ ସେମାନଙ୍କ ସହାୟକମାନେ ସନ୍ତୋଷବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାରେ ଥାନା ଓ ଡାକ୍ତରଖାନାରେ କର୍ତ୍ତବ୍ୟରେ ଅବହେଳା ଓ ସାଧାରଣ ଜନତାଙ୍କୁ ହଇରାଣ ହରକତ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗଣତନ୍ତ୍ରରେ ସାଧାରଣଜନତା ହେଉଛନ୍ତି ପ୍ରକୃତ ମାଲିକ। ସରକାରୀକଳ ନିଶ୍ଚିତ ଭାବେ ଜନସାଧାରଣଙ୍କୁ ବୃତ୍ତିଗତ ଓ ନୀତିଗତ ଭାବେ ସେବା ଯୋଗାଇଦେବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ଏହି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଶଂସା କରାଯାଇଛି। ଜିଲାପାଳ ରବିବାର ସକାଳେ ସମ୍ପୃକ୍ତ ଗର୍ଭବତୀ ମହିଳାଙ୍କ ପାଇଁ ଶଯ୍ୟା ଓ ଅସ୍ତ୍ରୋପଚାର କକ୍ଷର ବନ୍ଦୋବସ୍ତ କରିଥିଲେ। ମହିଳା ଜଣଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଶିଶୁର ପିତା ଜୟନ୍ତ ସାହୁ ସିଡିଏମ୍‌ଓ, ଏଡିଏମ୍‌ଓ ଓ ଜିଲାପାଳଙ୍କ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି।

## ଚେଳିତୋଳ ବାଲିଯାତ୍ରା ମହୋତ୍ସବ ଭୂମିପୂଜନ

**ତିର୍ତ୍ତୋଲ,୧୩।୧୦(ଡି.ଏନ.ଏ.)**

ଚେଳିତୋଳ ବାଲିଯାତ୍ରା ମହୋତ୍ସବ ପାଇଁ ମହାନଦୀ ପଠା ଗୋପିଆକୁଦଠାରେ ରବିବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶ୍ୱିନୀ ଦାସ, ଅଶୋକ ରାଉତ, ବିମଳ ମହାପାତ୍ର, ପାରାଦୀପ ବିଧାୟକଙ୍କ ଜିଲା ପ୍ରତିନିଧି ଗଗନବିହାରୀ ପୃଷ୍ଟି, ଶରତ ଦାସ, ଉପେନ୍ଦ୍ର ମହାନ୍ତି, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ପ୍ରଫୁଲ୍ଲ କୁମାର ବେହେରା, ରମେଶ ରାଉଳ, ତ୍ରିଲୋଚନ ସେଠୀ, ବ୍ଲକ ବିଜେଡି ସମ୍ପାଦକ ଅମରଜ୍ୟୋତି ସାହୁ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ଚୌଧୁରୀ, ପ୍ରଭୂତିଭୂଷଣ ମହାପାତ୍ର, ଧ୍ରୁବ ଖଟୁଆ, ତପନ ମହାନ୍ତି, ସୁବ୍ରତ ଦାଶ, ଅନୀଲ ରାୟ, ପୂର୍ବତନ ସରପଞ୍ଚ ରମେଶ ଦାସଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।



ଚେଳିତୋଳ ବାଲିଯାତ୍ରା ପାଇଁ ଭୂମିପୂଜନ କରାଯାଉଛି।

## ସ୍ୱଚ୍ଛତା ହିଁ ଦିବ୍ୟତା କାର୍ଯ୍ୟକ୍ରମ

**କୁଜଙ୍ଗ,୧୩।୧୦(ସ୍ୱ.ପ୍ର.)**

ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର କୁଜଙ୍ଗ ବଜାର ସଫେଇ କରାଯାଇଛି। ଏଥିରେ ଜିଲାସ୍ତରୀୟ ସମିତି କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଜିଲା ସଭାପତି ବିପିନ ବିହାରୀ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିସହ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଓ ସ୍ୱଚ୍ଛତା ହିଁ ଦିବ୍ୟତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। କୁଜଙ୍ଗ ସମିତିର ଆବାହକ ପ୍ରମୋଦ ଦାସ, ମହେଶ୍ୱର ମହାନ୍ତି, ଦୀନବନ୍ଧୁ ସେନାପତି, ଜଗତ୍‌ସିଂହପୁରର ବସନ୍ତ ଲେଙ୍କା, ତିର୍ତ୍ତୋଲର ଶିବ ଚରଣ ନାୟକ, ଯୁଧିଷ୍ଠୀର ପରିଡ଼ା, ପାରାଦୀପ ସମିତିର ବାବାଜୀ ଚରଣ ପୃଷ୍ଟିଙ୍କ ସମେତ ୮୨ ଜଣ କାର୍ଯ୍ୟକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ। ଆଗାମି ଦିନରେ ପାରାଦୀପରେ ରାଜ୍ୟସ୍ତରୀୟ ସମ୍ମିଳନୀ କରାଯିବ ବୋଲି କୁହାଯାଇଥିଲା।

**ସଂକ୍ଷେପରେ**

## ଆଇନ ଶୃଙ୍ଖଳା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

**କେନ୍ଦ୍ରାପଡା ଅଫିସ, ୧୩।୧୦:** ଗଜଲକ୍ଷ୍ମୀ ପୂଜାରେ ସହର ମଧ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂହ ରବିବାର ଅପରାହ୍ନରେ ସହରର ଟାଉନହଲ ପରିସରରେ ଏ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଏସପି ନୀତିଶେଖର, ଏଏସପି ଗାଗାରିନ ମହାନ୍ତି, ଏଏସପି ଅମିତା ପଟ୍ଟନାୟକଙ୍କ ସମେତ ଏସଡିପିଓ, ଡିଏସପି ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ସହରରେ ମୋଟ ୬୭ଟି ମେଢ ହୋଇଥିବା ବେଳେ ଏହାକୁ ୩ଟି ସେକ୍ଟରରେ ବିଭକ୍ତ କରାଯାଇଛି । ପ୍ରଥମ ସେକ୍ଟରରେ ୧୧, ଦ୍ୱିତୀୟ ସେକ୍ଟରରେ ୨୧ ଓ ତୃତୀୟ ସେକ୍ଟରରେ ଅବଶିଷ୍ଟ ୩୫ଟି ମେଢ ଓ ମଣ୍ଡପ ତଦାରଖ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ପୂଜୋତ୍ସବ ମଧ୍ୟରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ, ୩ ଶହ ହୋମଗାର୍ଡ, ୧୦୦ ଜଣ ପୋଲିସ ଅଧିକାରୀ, ୧୫ ଜଣ ଇନ୍ସପେକ୍ଟର, ୯ ଜଣ ଡିଏସପି ସହରରେ ମୁତୟନ ରହିବେ। ଏହି ସମୟରେ ସହରରେ ଟ୍ରାଫିକ ବ୍ୟବସ୍ଥା, ନିଶା କାରବାର, ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର କାଳୀମନ୍ଦିର ଛକ, କାକଟ ଛକ, ବଳଗଣ୍ଡି, ଦିଲାରପୁର, ଫର୍ଜନ ଛକ ପ୍ରଭୃତି ସ୍ଥାନରେ ସଶସ୍ତ୍ର ବାହିନୀ ମୁତୟନ ରହି ଆକସ୍ମିକ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବେ। ସହର ମଧ୍ୟକୁ ୧୨ଟି ପ୍ରବେଶ ପଥରେ ସ୍ୱତନ୍ତ୍ର ପୋଲିସ ମୁତୟନ ରହି ସନ୍ଦେହଜନକ ଭାବେ ଯାତାୟାତ କରୁଥିବା ଯାନ ଓ ବ୍ୟକ୍ତିଙ୍କୁ ତନଖି କରିବା ସହ ଆବଶ୍ୟକ ପଡିଲେ ଅଟକ ରଖିବେ ବୋଲି ସୂଚନା ଦିଆଯାଇଛି। ଏଥିସହ ମୋବାଇଲ ଚେକିଂ, ଭିଡିଓ ରେକର୍ଡିଂ ଆଦିକୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରାଯିବ । ପ୍ରତି ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ବାଧତାଧ୍ମୂଳକ କରାଯାଇଥିବା ବେଳେ ଡିଜେ ସାଉଣ୍ଡକୁ ସଂପୂର୍ଣ୍ଣ ନିଷିଦ୍ଧ କରା ଯାଇଥିବା ଏସପି ନୀତିଶେଖର ସୂଚନା ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ରାଜୀବଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ ଦେ, ଡିଏସପି କାର୍ତ୍ତିକ ମଲ୍ଲିକ, ସଦର ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ନାବାଳକଙ୍କୁ ଅପ୍ରାକୃତିକ ଯୌନ ନିର୍ଯାତନା, ଯୁବକ ଗିରଫ

ମାର୍ଶାଘାଇ, ୧୩।୧୦ (ଡି.ଏନ୍.ଏ.) ମାର୍ଶାଘାଇ ଥାନା ଅଞ୍ଚଳର ଜନୈକ ୬ବର୍ଷୀୟା ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗାଁକୁ ଗାଁ ବୁଲି ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ଜଣେ ବ୍ୟବସାୟୀ (ଫେରିବାଲା)ଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ହୁସେନପୁର କାଲା ଗ୍ରାମର ସେକ୍ ସୌକିନ୍(୨୨)। ସୌକିନ୍ ବସ୍ଷ୍ଟାଣ୍ଡ ନିକଟରେ ଏକ ଭଡ଼ା ଘରେ ରହି ନିକଟସ୍ଥ ଗ୍ରାମରେ ବୁଲି ଲୁଗା ବେପାର କରୁଥିଲେ। ଶନିବାର ଅପରାହ୍ନରେ ସେ ସ୍ଥାନୀୟ ଅଞ୍ଚଳର ଏକ ଗ୍ରାମକୁ ଯାଇଥିଲେ। ଗାଁ ଦାଣ୍ଡରେ ନାବାଳକ ଜଣକ ଖେଳୁଥିବା ଦେଖି ପାଖରେ ଥିବା ଏକ ଅଧାଭଙ୍ଗା କୋଠା ଘରକୁ ତାଙ୍କୁ ଡାକି ନେଇଥିଲେ। ସେଠାରେ ତାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିବା ପରେ ଗାଁ ଭିତରକୁ ଲୁଗା ବିକ୍ରି କରିବାକୁ ଚାଲିଯାଇଥିଲେ। ତେବେ ପୀଡ଼ିତ ନାବାଳକ ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ଗ୍ରାମର ଶେଷମୁଣ୍ଡରୁ ସୌକିନ୍ଙ୍କୁ ଗ୍ରାମବାସୀ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରୁ ସୌକିନ୍ଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସହ ଶନିବାର ରାତିରେ ତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ତେବେ ରବିବାର ପୋଲିସ ସୌକିନ୍ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୨୫୧/୧୯ ରେ ଏକ ମାମଲା ରୁଜୁ ହୋଇଥିବା ଏସଡିପିଓ ରାଜୀବଲୋଚନ ପଣ୍ଡା ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜାର ଝଲକ


ବଳଗଣ୍ଡି ବଜାର


ଦୁହୁରିଆ ରେଳଲାଇନ


ବ୍ୟାସସରୋବର


ପୁରୁଣା ବସଷ୍ଟାଣ୍ଡ


ଶାନ୍ତସାହି


ମଡିଆଳ ବଜାର


ଖଡିଅଙ୍ଗ

## ଚାନ୍ଦିମେଢ଼, ସୁନା ଅଳଙ୍କାର ମୁଖ୍ୟ ଆକର୍ଷଣ

କେନ୍ଦ୍ରାପଡା ଅଫିସ,୧୩।୧୦

କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପୂଜା ହେବାକୁ ଥିବା ବେଳେ ୨୧ ଓ ୨୨ ତାରିଖରେ ଭସାଣି ଉତ୍ସବ ହେବାକୁ ସ୍ଥିର ହୋଇଛି । ମା’ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପାଇଁ ରବିବାର ଅପରାହ୍ନ ଠାରୁ ଘଣ୍ଟ,କାହାଳୀ, ବାଜା ରୋଶଣି ମାଧ୍ୟମରେ ନଦୀରୁ ଜଳ ସଂଗ୍ରହ କରାଯାଇ ପୂଜା ମଣ୍ଡପରେ ଘଟସ୍ଥାପନ ହୋଇଛି । ପରେ ମା’ଙ୍କ ଆବାହନ ଷୋଡଶ ଉପଚାରରେ ହୋଇଛି । ବିଭିନ୍ନ ପୂଜା କମିଟି ସଦସ୍ୟ ଉତ୍ସାହର ସହ ଏହି ପର୍ବକୁ ଆକର୍ଷଣୀୟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଚଳିତବର୍ଷ ସହର ମଧ୍ୟରେ ୫୧ଟି ପୂଜା ମଣ୍ଡପରେ ମା’ ଧନଦାତ୍ରୀ ବିରାଜିତ ହୋଇଛନ୍ତି । ସେଥିମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ସୁନା ଓ ରୂପା ଅଳଙ୍କାରରେ ଆଭୂଷିତ ମା’ ପୂଜା ପାଉଛନ୍ତି । କେତେକ ମଣ୍ଡପରେ ଗୌରୀଶଙ୍କର, କାଳୀୟ ଦଳନ, ମହାବୀର, ରାଧାକୃଷ୍ଣ ଆଦି ଦେବଦେବୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା ଜାରି ରହିଛି । ଷୋଡ଼ଶ ଉପଚାରରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀଙ୍କ ଆବହନୀ ମନ୍ତ୍ର ପ୍ରତ୍ୟେକ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ଏଥିସହିତ ଆକର୍ଷଣୀୟ ମେଢ଼ ଓ ତୋରଣ ସାଜସଜ୍ଜାରେ ସହର ଝଲସି ଉଠିଛି । ସନ୍ଧ୍ୟା ଠାରୁ ସହରର ପ୍ରତ୍ୟେକ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି । ୧୯୨୮ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଏବେ ଜିଲାବାସୀଙ୍କ ପାଇଁ ଗଣପର୍ବ ପାଲଟିଛି । ମାରୱାଡି ବ୍ୟବସାୟୀ ଜୋହରି ମଲ୍ଲ ପ୍ରଥମେ ଏହି ପୂଜା ମାରୁୱାଡି ପଟ୍ଟି (ପୁରୁଣା ବସଷ୍ଟାଣ୍ଡ) ନିକଟରେ ଆରମ୍ଭ କରିଥିଲେ ବୋଲି ଜନଶ୍ରୁତି ରହିଛି । ସହରର ଖଡିଅଙ୍ଗ, କାକଟମଙ୍ଗଳା, ମଡ଼ିଆଳ, ଗଣାମାହାଲରେ ମା’ ଗଜଲକ୍ଷ୍ମୀଙ୍କ ସମ୍ପୂର୍ଣ୍ଣ ଚାନ୍ଦି ମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ଗରାପୁର ପୁରୁଣା ଓ ନୂଆ ବସଷ୍ଟାଣ୍ଡ, କାକଟ ମଙ୍ଗଳା, ଗୋପ, ବୁଢ଼ୀ ବାସୁଳେଇ, ବଳଗଣ୍ଡି, କେଶପୁର, ମହିପାଳ, ଦୁହୁରିଆ ରେଳ ଲାଇନ ଆଦି ସ୍ଥାନରେ ଚାନ୍ଦି ମେଢ଼ରେ ମାଆ ଝଲସୁଛନ୍ତି । ମଡ଼ିଆଳର ଗଙ୍ଗା ଭଗୀରଥ ପୂଜା ମଣ୍ଡପରେ ମା’ଙ୍କ ମୁକୁଟରେ ସୁନା ମୟୂର ଲାଗି ହୋଇ ଯାତ୍ରୀଙ୍କୁ ଆକର୍ଷିତ କରୁଛି । ଚଳିତବର୍ଷ ସହରରେ ହୋଇଥିବା ୬୭ ମଣ୍ଡପରୁ ଅଧିକାଂଶ ମେଢ଼ରେ ମା’ଙ୍କ ମସ୍ତକରେ ସୁନାଚିତା ସହ ସୁନାରେ ତିଆରି ନୟନ ଶୋଭା ପାଉଛି । ପ୍ରତି ମଣ୍ଡପରେ ସୁସଜ୍ଜିତ ତୋରଣ ଓ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳା ଲୋକଙ୍କୁ ଆକର୍ଷିତ କରୁଛି । ସେହିପରି ଗଜଲକ୍ଷ୍ମୀ ପୂଜା ଅବସରରେ ଖୋଲିଥିବା ରାଜସ୍ଥାନ ହ୍ୟାଣ୍ଡଲୁମ ବଜାର, ଫେଶନ ବଜାର ଯାତ୍ରୀଙ୍କୁ ଆକୃଷ୍ଟ କରୁଛି ।

### ଗଣପର୍ବ ସମ୍ପର୍କରେ ଏମାନେ ଯାହା କୁହନ୍ତି



■ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ପ୍ରଥମେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା । ସେଥିପାଇଁ ଥାନପତି ଠାକୁରାଣୀ ଭାବେ ଅଦ୍ୟାବଧି ସମ୍ମାନ ମିଳୁଛି। ଥାନପତି ମାନ୍ୟତା ମିଳିଥିବାରୁ ଏଠାରେ ସମସ୍ତ ପାରମ୍ପରିକ ବିଧିବିଧାନ ପାଳିତ ହୋଇଥାଏ । ଚଳିତବର୍ଷ ସହରର ସମସ୍ତ ମେଢ଼ କମିଟିର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିବା ପାଇଁ ଯୋଜନା ରହିଛି । ଏଥିସହ ଏଥର ସହରରେ ଗଜଲକ୍ଷ୍ମୀ ପୂଜା ଅବସରରେ ହୋଇଥିବା ଆକର୍ଷଣୀୟ ତୋରଣ ଓ ମେଢ଼ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ବିଶ୍ୱାସ ରହିଛି।
– ଭୀମସେନ ବେହେରା, କୋଷାଧ୍ୟକ୍ଷ, ପୁରୁଣା ବସଷ୍ଟାଣ୍ଡ ଥାନପତି ପୂଜା କମିଟି



■ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ମୂର୍ତ୍ତି ନିର୍ମାଣ, ମେଢ଼ ସାଜସଜ୍ଜାକୁ ପ୍ରାଧାନ୍ୟ ଦିଆଯାଇଛି । ପୂଜା ବିଧିବିଧାନକୁ ଗୁରୁତ୍ୱ ଦିଆଯାଇଛି । ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା’ଙ୍କ ମୂର୍ତ୍ତି ଏବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ।
– ଭାବଗ୍ରାହୀ ସିଂ, ସଭାପତି, ଖଡିଅଙ୍ଗ ପୂଜା କମିଟି



■ ମା’ଙ୍କ ମୁକୁଟରେ ସୁନା ମୟୂର ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଚଳିତ ପୂଜାର ୩ଟି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ହୋଇଛି । ଏହାବ୍ୟତୀତ ତୋରଣ ସାଜସଜ୍ଜା ଏଥରର ମୁଖ୍ୟ ଆକର୍ଷଣ ।
– ସୁବାସ କୁମାର ଚାନ୍ଦ, ସଭାପତି, ମଡ଼ିଆଳ ପୂଜା କମିଟି



■ ତୋରଣ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି । ଚଳିତବର୍ଷ ଶୁଖିଲା ଫଳରେ ଗେଟ ସମସ୍ତ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ । ଏଥିପାଇଁ କଲିକତାରୁ କାରିଗର ଆସିଥିବା ବେଳେ ତୋରଣ ପାଇଁ ୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ଏଥିସହିତ ମା’ଙ୍କୁ ଚାନ୍ଦି ଅଳଙ୍କାରରେ ପ୍ରଥମ ଥର ପାଇଁ ସଜ୍ଜିତ କରାଯାଇଛି ।
– ସନ୍ତୋଷ କୁମାର ପଣ୍ଡା, ସଦଭାବନା କ୍ଲବ, ଦୁହୁରିଆ ରେଳ ଲାଇନ

## ସିସିଟିଭି ନଜରରେ କେନ୍ଦ୍ରାପଡା ସହର

କେନ୍ଦ୍ରାପଡା ଅଫିସ, ୧୩।୧୦



ସହରର ସୁରକ୍ଷା ବ୍ୟବସ୍ଥା କଡାକଡି ପାଇଁ କେନ୍ଦ୍ରାପଡା ସହରରେ ୩୮ଟି ସିସି ଟିଭି ବ୍ୟବସ୍ଥା ହୋଇଛି । ସହରର ତିନିମୁହାଣି ଛକ, ନୂଆ ବସଷ୍ଟାଣ୍ଡ, କାକଟଛକ, ବଡହାଟ, ପୁରୁଣା ବସଷ୍ଟାଣ୍ଡ, ବଳଗଣ୍ଡି, ମେଡିକାଲ ଛକ, ସାନ୍ତସାହି, ସାନମଙ୍ଗଳା, ଇଛାପୁର, ସିଭିଲ କୋର୍ଟ ନିକଟ ବାଇପାସ, ବାଲାବାବା ଛକ ପ୍ରଭୃତି ସ୍ଥାନରେ ଏହିସବୁ ସିସିଟିଭି ଲାଗିଛି । ଏହାର ଅପରେଟିଂ ସିଷ୍ଟମକୁ ପୁରୁଣା ବସଷ୍ଟାଣ୍ଡସ୍ଥ ଟାଉନ ଫାଣ୍ଡିରେ ରବିବାର ଉଦ୍‌ଘାଟନ କରାଯାଇଛି । ମୁଖ୍ୟଅତିଥି ବିଧାୟକ ଶଶିଭୂଷଣ ବେହେରା, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂହ ଏହାକୁ ଉଦ୍‌ଘାଟନ କରିଛନ୍ତି । ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଏଥିପାଇଁ ଖର୍ଚ୍ଚ କରାଯାଇ ଥିବା ବେଳେ ଆଗାମୀ ଦିନରେ ସିସି ଟିଭି ସଂଖ୍ୟା ବଢ଼ିବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା,ଏସପି ନୀତିଶେଖର ଓ ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ ।

## ଭାଜପା ପକ୍ଷରୁ ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀମାନେ।

**ପଟ୍ଟାମୁଣ୍ଡାଇ, ୧୩।୧୦ (ସ୍ୱ.ପ୍ର.)** ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ପୌରାଞ୍ଚଳ ଅଧୀନ ୧୭ନଂ. ୱାର୍ଡରେ ରବିବାର ଗନ୍ଧୀ ସଙ୍କଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ତଥା ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ କର୍ମୀ ଓ ନେତାମାନେ ପଦଯାତ୍ରା ଆରମ୍ଭ କରି ମାଟିଆ ମଲିକସାହି, ଯେନାସାହି ଆଦି ପରିକ୍ରମା କରିଥିଲେ। ପଦଯାତ୍ରାବେଳେ ଶତାଧିକ ମହିଳା ହୁଳହୁଳି ଦେଇ ପଦଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଭାଜପାର ନେତା ମହେନ୍ଦ୍ର ଦାସ, ସୁଧାଂଶୁ ଶେଖର ଜେନା, ଅଶୋକ କୁମାର ସ୍ୱାଇଁ, ବିଦ୍ୟାଧର ମଲିକ, ବିବି ମଲିକ, ଚିନ୍ମୟ ମଲିକ, ମିଟୁ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

## ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସାହସୀ ବାଳକଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୧୩।୧୦(ଡି.ଏନ.ଏ.)** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜନଗରର ସାହାସୀ ବାଳକ ଜ୍ଞାନ ରଞ୍ଜନ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାର୍ଥୀ ପରିଷଦର ରାଜନଗର ବ୍ଲକ ସଂଯୋଜକ ଅଚ୍ୟୁତାନନ୍ଦ ରାଉତ, ପ୍ରଶାନ୍ତ ପ୍ରଧାନ, ଜିଲା ପ୍ରମୁଖ ପଙ୍କଜ ବେହୁରା, ତୁଷାରକାନ୍ତ ରାଉତ, ଅନୁକୂଳ ସାହୁ, ସତ୍ୟବ୍ରତ ରାଉତ, ଅବିନାଶ ରାଉତ ପ୍ରମୁଖ ରବିବାର ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଗତ ୧୧ ତାରିଖ ଦିନ ପେଣ୍ଠ ନିକଟ ସମୁଦ୍ରରେ ତାଙ୍କ ସାଙ୍ଗଙ୍କ ସହ ଗାଧୋଉଥିଲେ। ଏହି ସମୟରେ ତାଙ୍କ ସାଙ୍ଗଙ୍କୁ ସମୁଦ୍ର ଲହରୀ ଭସାଇ ନେଇଥିଲା। ଜ୍ଞାନରଞ୍ଜନ ନିଜ ଜୀବନକୁ ବାଜି ଲଗାଇ ସମୁଦ୍ର ଭିତରୁ ତାଙ୍କ ସାଙ୍ଗକୁ ଉଦ୍ଧାର କରି ସାହାସିକତାର ପରିଚୟ ଦେଇଥିଲେ।

## ନବୀନ ନିବାସ ଘେରାଉ ପାଇଁ ପ୍ରସ୍ତୁତି

**ରାଜକନିକା, ୧୩।୧୦(ଡି.ଏନ୍.ଏ)** ଆଳି ଓ ରାଜକନିକା ବ୍ଲକରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏହାର ତଦନ୍ତ ଦାବିରେ ନବୀନନିବାସ ଘେରାଉ କରିବାକୁ ଉଭୟ ବ୍ଲକର କଂଗ୍ରେସ କର୍ମୀଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏନେଇ ରାଜକନିକା ବ୍ଲକ ଅନ୍ତର୍ଗତ କାଳିକାପୁରସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି। ସୋମବାର ଦୁର୍ନୀତି ବିରୋଧରେ ତଦନ୍ତ ଦାବି କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କହିଥିଲେ ଯେ, ଆଳି ବ୍ଲକର ଡିମିରିପାଳ ପଞ୍ଚାୟତରେ ଜିଓ ଟ୍ୟାଗିଂକୁ ସସପେଣ୍ଡ କରିଦିଆଯାଇଛି। ମେଣ୍ଟପୁର ପଞ୍ଚାୟତରେ ବାଂଲାଦେଶୀ ଫେରିବାଲାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ପଧାନପଡା ପଞ୍ଚାୟତରେ ସଧବା ମହିଳାଙ୍କୁ ବିଧବାଭତା ପ୍ରଦାନ କରାଯାଇଛି। ସେହିପରି କୋରନ୍ଦ ପଞ୍ଚାୟତରେ ମୃତବ୍ୟକ୍ତିଙ୍କ ନାଁରେ ଭତ୍ତା ହଡପ କରାଯାଇଛି। ଏହି ପଞ୍ଚାୟତରେ ସୂଚନା ଅଧିକାର କର୍ମୀ ରଞ୍ଜନ ସେଠୀଙ୍କୁ ଆକ୍ରମଣ କରାଯାଇଛି। ତାଙ୍କ ବିରୋଧରେ ପୋଲିସ ଥାନାରେ ମିଛ ମାମଲା ରୁଜୁ କରି ଗିରଫ କରିଛି। ରାଜକନିକା ବ୍ଲକରେ ଆବାସ ଯୋଜନାରେ ଚଞ୍ଚକତା କରି ବିଜେଡି କର୍ମୀଙ୍କୁ ସାମିଲ କରାଯାଇଛି। ଏସବୁ ଦୁର୍ନୀତିର ତଦନ୍ତ ପାଇଁ ପୂର୍ବତନ ବିଧାୟକ ଶର୍ମା ଖବରଦାତା ସମ୍ମିଳନୀରେ ଦାବି କରିଥିଲେ। ସମ୍ମିଳନୀରେ ରାଜକନିକା ବ୍ଲକ ୨୯ ନଂ ଜୋନ ସଭାପତି ମଙ୍ଗୁଳି ଚରଣ ବେହେରା, ଶରତ ରାଉତ, ଅଜୟ ଦାସ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବାବୁରାମ ଜେନା,ବିକ୍ରମ ଦାସ,ସରପଞ୍ଚ କୈଳାସ ଚନ୍ଦ୍ର ତରାଇ ଓ ନିରାକାର ସେଠୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ କର୍ମୀ

# ବିଭିନ୍ନ ସ୍ଥାନରେ ପୂଜା ପାଇଲେ ମା' ଗଜଲକ୍ଷ୍ମୀ



ନୟାଗଡ଼



ଦଶପଲ୍ଲା



ଖଣ୍ଡପଡ଼ା



ଓଡ଼ଗାଁ

**ନୟାଗଡ଼ ଅଫିସ, ୧୩।୧୦:** ନୟାଗଡ଼ ସହରର ବିଭିନ୍ନ କ୍ଲବ, ସମିତି ପକ୍ଷରୁ ରବିବାର ଗଜଲକ୍ଷ୍ମୀ ପୂଜା ଧୁମଧାମ୍‌ରେ ପାଳିତ ହୋଇଯାଇଛି। ବିଭିନ୍ନ ପୂଜାମଣ୍ଡପରେ ଲାଇଟ୍ ଓ ତୋରଣ ପୂଜା ମାହୋଲକୁ ଦ୍ୱିଗୁଣିତ କରିଦେଇଛି। ସହରରେ ୧୦ର ଊର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ପ୍ରତିମା ପୂଜା ପାଉଛନ୍ତି। ପାର୍କ ଲେନ୍ , ଓଡ଼ଗାଁ ଛକ, ମହିଳା ମହାବିଦ୍ୟାଳୟ ଲେନ୍, ଜୁବୁଲି ମାର୍କେଟ ଓ ରାଜୀବ ମାର୍କେଟରେ ହୋଇଥିବା ପୂଜା ମଣ୍ଡପରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼କୁ ଦୃଷ୍ଟରେ ରଖି ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ପୂଜା ମଣ୍ଡପରେ ମଧ ପୋଲିସ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ସହର ଓ ଗ୍ରାମର ବିଭିନ୍ନ ସ୍ଥାନରେ କୁମାରୀମାନେ ଚଡ଼ଁରା ମୂଳେ ଏକାଠି ହୋଇ କୁମାର ପୂର୍ଣ୍ଣମା ପାଳନ କରୁଥିବା ଦେଖିବାକୁ ମିଳିଥିଲା। ନୟାଗଡ଼ ବ୍ଲକ ସିନ୍ଦୂରିଆ ବଣିଆସାହିର ବଣିକ ସଂଘ ଓ ବାଉଁଶିଆପଡ଼ା ଗ୍ରାମରେ ମଧ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

**ଦଶପଲ୍ଲା, ୧୩।୧୦(ଡି.ଏନ୍.ଏ.):** ଦଶପଲ୍ଲାରେ ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ରବିବାର ପାଳିତ ହୋଇଛି। ପୂଜା ଉତ୍ସବ ଲାଗି ତଳବଜାରସ୍ଥିତ ଲକ୍ଷ୍ମୀବଜାର ଓ ସାତପାଟଣାର ଲକ୍ଷ୍ମୀବଜାର ଉତ୍ସବମୁଖର ହୋଇଉଠିଥିଲା। ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ହୋଇଥିଲା। ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବଜାରର ସଦସ୍ୟମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଖଣ୍ଡପଡା, ୧୩।୧୦(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକର ରଥଗଡା ଛକ, ଖଳିସାହି, ବାଣପୁର, ବଳଭଦ୍ରପ୍ରସାଦ, କୋସକା, ମଧୁପୁର, ବସନ୍ତପୁର, ଜଗନ୍ନାଥ ପ୍ରସାଦ, ମଙ୍ଗଳପୁର, ବାହାଡା, ବନମାଳୀପୁର, ସିଧାମୂଳା ଗ୍ରାମରେ ରବିବାର ଉତ୍ସାହ ମଧ୍ୟରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ପୂଜା ମଣ୍ଡପଗୁଡିକର ଆଲୋକ ସଜ୍ଜାରେ ଅଞ୍ଚଳ ଝଲସି ଉଠୁଛି। ପୂଜା ମଣ୍ଡପରେ ସନ୍ଧ୍ୟାପରଠାରୁ ଲୋକଙ୍କ ଭିଡ ଲାଗି ରହୁଛି । ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ସନ୍ଧ୍ୟାରେ ବଭିନ୍ନ ସାଂସ୍କୃତିକ କାର୍ଯ୍ୟକମ ପରିବେଷଣ ହୋଇଥିଲା।

**ଓଡ଼ଗାଁ, ୧୩।୧୦(ସ୍ୱ.ପ୍ର.):** ଓଡ଼ଗାଁରେ କୁମାର ପୂର୍ଣ୍ଣମୀ ଅବସରରେ ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ସ୍ଥାନୀୟ ଲକ୍ଷ୍ମୀ ବଜାରରେ ପ୍ରତିଷ୍ଠିତ ଲକ୍ଷ୍ମୀ ମନ୍ଦିରରେ ମା'ଙ୍କ ସପ୍ତାହ ବ୍ୟାପୀ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ପ୍ରତିବର୍ଷ ମା'ଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ହେଉଥିବା ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। କଦମ୍ବ ବଜାର, ଶିଳ୍ପୀନଗରୀ ସାହି ଓ ବିଜୟାମଣ୍ଡପ ସାହିରେ ମଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ରବିବାର ଭୋର ସକାଳୁ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ପ୍ରାଣ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଛି। ସ୍ଥାନୀୟ ପୋଲିସ ଶାନ୍ତି ଶୃଙ୍ଖଳା ପ୍ରତି ନଜର ରଖିଛି ।

## ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେଗୁନିଆ, ୧୩।୧୦ (ଡି.ଏନ.ଏ.)**

ବେଗୁନିଆ ଥାନା ଅଞ୍ଚଳର ଜନୈକା ଯୁବତୀ ନିଖୋଜ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ମିଶିଂ କେସ୍ ନଂ. ୧୫୯/୧୯ ରୁଜୁ କରି ତଦନ୍ତ କରୁଥିଲା। ଏହି ଥାନା ଅଧୀନ ଚଣ୍ଡିଆପଲା ଗ୍ରାମ ନିକଟସ୍ଥ ଏକ ଲିମ୍ବ ଗଛରେ ଜଣେ ଯୁବତୀ ଝୁଲୁଥିବାର ଖବର ପ୍ରଚାରିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଭୁଆସୁଣିପାଟଣା ଗାଁର ସୁଶାନ୍ତ ବେହେରାଙ୍କ କନ୍ୟା ଶିବାନୀ(୨୨) ବୋଲି ଜାଣିବାକୁ ପାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ପ୍ରାଥମିକ ତଦନ୍ତରୁ ଯାହା ଜଣାପଡୁଛି ଏହା ଏକ ଆତ୍ମହତ୍ୟାଜନିତ ମୃତ୍ୟୁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହୋଇପାରିବ।

## ବାର୍ଷିକ ଉତ୍ସବ

**ଖୋର୍ଦ୍ଧା ଅଫିସ, ୧୩।୧୦**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟ ଖୋର୍ଦ୍ଧା ସେବାକେନ୍ଦ୍ର ପରିସରରେ ଅନୁଷ୍ଠାନର ୩୫ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ।

# ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

- କୋର୍ଟ ବିବାହ ପରେ ପ୍ରେମିକାଙ୍କ ସହ ମତାନ୍ତର ଥିଲା
- ସମାଧାନ ପାଇଁ ଦୁଇ ପରିବାର ମଧ୍ୟରେ ଉଦ୍ୟମ ହୋଇଥିଲା
- ପ୍ରେମିକାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କଲା ପୋଲିସ



ପ୍ରେମ ପାଇଁ ଜଣେ ଯୁବକଙ୍କୁ ହତ୍ୟା। ପ୍ରେମିକାଙ୍କ ଘର ଲୋକେ ମିଳିତ ଭାବେ ପିଟି ପିଟି ହତ୍ୟା କରିଥିବା ନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଛି। ଭିଏସ୍ଏସ୍ ନଗର ମହାବୀର ବସ୍ତି ନିକଟରେ ରବିବାର ସକାଳେ ଘଟିଛି ଏହି ସ୍ପର୍ଶକାତର ଘଟଣା। ମୃତ ଯୁବକ ହେଲେ ନୟାଗଡ଼ ଜିଲା ସୁନାଖଲା ନରେନ୍ଦ୍ରପୁର ଗ୍ରାମର ଅବକାଶ ପାଇକରାୟ(୨୬)। ତାଙ୍କ ମୁଣ୍ଡ, ଛାତି ଓ ଶରୀରର କେତେକ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଛି। ପ୍ରେମିକାଙ୍କ ପରିବାରର ୫ଜଣଙ୍କ ନାମରେ ପୋଲିସ ଆଇପିସି ଦଫା ୩୦୨ ଓ ୩୪ରେ ଏକ ହତ୍ୟା ମାମଲା (ନଂ.୫୧୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ତାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି।

ପୋଲିସ ସୂଚନାନୁସାରେ, ଅବକାଶ ଦୁଇବର୍ଷ ହେବ କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରହାଳୟର କମ୍ପ୍ୟୁଟର ବିଭାଗରେ ଚାକିରି କରନ୍ତି। ସେଠାରେ ଚାକିରି କରୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ ଭିଏସ୍ଏସ୍ ନଗରରେ ପରିବାର ସହ ରୁହନ୍ତି। ସେମାନେ ଘରେ ନ ଜଣାଇ ଗତ ଜାନୁଆରୀ ୩ରେ କୋର୍ଟରେ ବିବାହ କରିଥିଲେ। କିଛିଦିନ ତଳେ କୌଣସି କାରଣକୁ ନେଇ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଅବକାଶ ମାନସିକ ସ୍ତରରେ ଭାଙ୍ଗି ପଡ଼ିବା ସହ ଘଟଣା ସମ୍ପର୍କରେ ତାଙ୍କ ପିଉସୀ ଧରିତ୍ରୀ ପ୍ରଧାନଙ୍କୁ ଜଣାଇଥିଲେ। ପରେ ବାପା ଭାସ୍କର ପାଇକରାୟ ଜାଣିବା ପରେ ସମସ୍ୟା ସମାଧାନ ପାଇଁ ଧରିତ୍ରୀ ଓ ଅବକାଶଙ୍କୁ ଧରି ଶନିବାର ରାତି ୭ଟାରେ ଯୁବତୀଙ୍କ ଘରକୁ ଆସିଥିଲେ। ଯୁବତୀଙ୍କୁ ବୋହୂ କରିନେବା ପାଇଁ ଭାସ୍କର କହିଥିଲେ। ହେଲେ ଯୁବତୀଙ୍କ ପରିବାର ଲୋକେ ରାଜି ନ ହେବା ସହ ସେମାନଙ୍କୁ ଅପମାନିତ କରି ବିଦା କରିଦେଇଥିଲେ। ସେଠାରୁ ସମସ୍ତେ ଗୋଟିଏ ଗାଡ଼ିରେ ଖଣ୍ଡଗିରିସ୍ଥିତ ଘରକୁ ଫେରି ଆସିଥିଲେ। ଭାସ୍କରଙ୍କ ଅଭିଯୋଗ ଅନୁସାରେ, ଯୁବତୀ ଜଣକ ଅବକାଶଙ୍କୁ ଫୋନ୍ କରି ପୁଣି ଘରକୁ ଡାକିଥିଲେ। ଅବକାଶ ସେଠାରେ ପହଞ୍ଚିବା ପରେ ଯୋଜନାବଦ୍ଧ ଭାବେ ତାଙ୍କୁ ମାଡ଼ ମରାଯାଉଥିବା ନେଇ ସେ ଫୋନ୍ କରି ଘରକୁ ଜଣାଇଥିଲେ। ଏହାର କିଛି ସମୟ ପରେ ଅବକାଶ କ୍ୟାପିଟାଲ ହସ୍ପିଟାଲରେ ଥିବା ଜଣାଇ ପୋଲିସ ପରିବାର ଲୋକଙ୍କୁ ଡାକିଥିଲେ। ସେମାନେ ହସ୍ପିଟାଲରେ ପହଞ୍ଚି ପୁଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ ବୋଲି ଭାସ୍କର କହିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପିଉସୀ ଧରିତ୍ରୀ କହିଛନ୍ତି, ଯୁବତୀଙ୍କର ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ଥିଲା। ସେମାନଙ୍କ ମିଳାମିଶାକୁ ଅବକାଶ ବିରୋଧ କରୁଥିଲେ। ତେଣୁ ତାଙ୍କୁ ଯୋଜନାବଦ୍ଧ ଭାବେ ପିଟି ପିଟି ହତ୍ୟା କରାଯିବା ପରେ ବିଷ ପିଆଇ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି।

ମାତ୍ର ଯୁବତୀଙ୍କ ପରିବାର ଲୋକେ କହିଛନ୍ତି, ବିବାହ କରିବା ପାଇଁ ଅବକାଶଙ୍କ ପାଗଳାମି ବଢ଼ିଯାଇଥିଲା। ଛୋଟ ଛୋଟ ଝଗଡ଼ାରେ ସେ ବିଷ ପିଇ ଆତ୍ମହତ୍ୟା କରିଦେବାକୁ ଧମକ ଦେବା ସହ ତାଙ୍କ ଝିଅ ବେକରେ ବ୍ଲେଡ୍ ମଧ ଲଗାଇ ଦେଉଥିଲେ। ଝିଅର ଜୀବନ ପ୍ରତି ବିପଦ ଥିବାରୁ ସେମାନେ ବିବାହ ପାଇଁ ରାଜି ହୋଇ ନ ଥିଲେ। ଏହାକୁ ନେଇ ୬ଦିନ ତଳେ ଝିଅ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବୁଝାଶୁଝା କରି ପଠାଇ ଦେଇଥିଲା। ଶନିବାର ପରିବାର ଲୋକେ ତାଙ୍କ ଘରୁ ଯିବାପରେ ଅବକାଶ ଆସି ଘର ଆଗରେ ବସି ରହି ବିବାହ କରିବା ସହ ଝିଅକୁ ସାଥୀରେ ନେବାକୁ ଜିଦ୍ ଧରିଥିଲେ। ଝିଅ ନ ଯିବାରୁ ଚିତ୍କାର କରିବା ସହ ବିଷପିଇ ତଳେ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ଏହା ଦେଖି ପୋଲିସକୁ ଫୋନ କରାଯିବା ପରେ ତାଙ୍କୁ ସ୍ଥାନୀୟ କ୍ଲିନିକ୍ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ଅବକାଶ ରାଜସୁନାଖଳା କଲେଜରେ ପଢୁଥିବାବେଳେ ଦୁଇଥର ଛାତ୍ର ସଂସଦ ସଭାପତି ହୋଇଥିଲେ। ଏଥିସହ ଏକ ରାଜନୈତିକ ଦଳର ଛାତ୍ର ନେତା ଭାବେ କାର୍ଯ୍ୟ କରୁଥିଲେ।

## ବିନୋଦପଡାରେ ମୃତଦେହ ରଖି ରାସ୍ତାରୋକୋ

**ରଣପୁର, ୧୩।୧୦(ସ୍ୱ.ପ୍ର.)**

ଯୁବନେତା ଅବକାଶ ପାଇକରାୟଙ୍କୁ ଭୁବନେଶ୍ୱରରେ ହତ୍ୟା କରାଯାଇଛି। ଏହାର ପ୍ରତିବାଦରେ ନୟାଗଡ ଜିଲା ରଣପୁର ଥାନା ରାଜସୁନାଖଲା ଫାଣ୍ଡିର ବିନୋଦପଡା କଲେଜ ଛକଠାରେ ୫୭ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ହତ୍ୟାକାରୀଙ୍କୁ ଗିରଫ ଓ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଶହ ଶହ ଛାତ୍ର ଓ ଏକ ରାଜନୈତିକ ଦଳର କର୍ମୀ ଉତ୍ତେଜିତ ହୋଇ ରବିବାର ମଧ୍ୟାହ୍ନରେ ଆନ୍ଦୋଳନ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ସାଢ଼େ ୧ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଅବକାଶଙ୍କୁ ଭୁବନେଶ୍ୱର ଭିଏସ୍ଏସ୍ ନଗରରେ ହତ୍ୟା କରାଯାଇଥିଲା । ଅବକାଶଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ପରେ ଶହୀଦନଗର ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ କରିଥିଲା। ମୃତ ଅବକାଶଙ୍କ ଘର ରଣପୁର ଥାନାର ନରେନ୍ଦ୍ରପୁର ଗାଁରେ। ସେ ନରେନ୍ଦ୍ରପୁର ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି, ରାଜସୁନାଖଳା କଲେଜ ଛାତ୍ରସଂସଦ ସଭାପତି ଭାବେ କାର୍ଯ୍ୟ କରିଥିଲେ।



ବିନୋଦପଡ଼ାଠାରେ ରାସ୍ତାରୋକୋ କରାଯାଇଛି।

## ଡକାୟତି ଉଦ୍ୟମ ପଣ୍ଡ
# ଅଟକ ୨ ଡକାୟତ ଜେଲ ଗଲେ

**ରଣପୁର, ୧୩।୧୦(ସ୍ୱ.ପ୍ର.)**

ରଣପୁର ଥାନାରେ ଅଟକ ଥିବା ୨ ଡକାୟତ ଡମସାହିର ଯଶୋଦା ପ୍ରଧାନ (୩୮) ଓ ସୁବ୍ରତ ନାୟକ (୪୫)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛ। ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶ, ଏସ୍ଆଇ ପ୍ରୀତି ପ୍ରକାଶ ମହାନ୍ତି ରବିବାର ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ନୟାଗଡ଼ ଜିଲା ଶରଣକୁଳ ଥାନା ମଗରବନ୍ଧ ପଞ୍ଚାୟତ ଫାସିପଲ୍ଲୀ ନୂଆଗାଁରେ ଯଶୋଦାଙ୍କ ଘର। ତେବେ ସେ ରଣପୁର ଥାନା ଡମସାହିରେ ରହୁଥିଲେ। ରଣପୁର ସୁନା ଦୋକାନ ଲୁଟ୍ ଘଟଣାରେ ଯଶୋଦା ଜେଲରେ ଥିଲେ। କିଛିଦିନ ହେଲା ସେ ଜାମିନରେ ଆସି ପୁଣି ଡକାୟତି ଯୋଜନା କରୁଥିଲେ। ଅସୁରକୁମାରୀ ଜଙ୍ଗଲରେ ୫ଜଣ ଡକାୟତ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବାବେଳେ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ଏହି ଯୋଜନା ପଣ୍ଡ କରିଥିଲା । ଘଟଣାସ୍ଥଳରୁ ଯଶୋଦା ଓ ସୁବ୍ରତଙ୍କୁ ନିଜ ହେପାଜତକୁ ନେଇଥିବାବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ଉଭୟଙ୍କଠାରୁ ବନ୍ଧୁକ, ବୁଲେଟ ଚେନ, ଖଣ୍ଡା, ଓଡି୦୨ଏଏଚ୍-୯୮୯୧ନଂ. ବାଇକ୍, ନମ୍ବରବିହୀନ କାର ଜବତ ହୋଇଛି। ଯଶୋଦାଙ୍କ ନାଁରେ ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, ପୁରୀର ବିଭିନ୍ନ ଥାନାରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ପୋଲିସ ୩୯୯, ୪୦୨, ଆର/ଡବ୍ଲୁ ୨୫ (୧ବି) (କ)ଆର୍ମସ ଆକ୍ଟ ୧୯୫୯ ଦଫାରେ ମାମଲା (ନଂ. ୨୧୪/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।



ଗିରଫ ଦୁଇ ଅଭିଯୁକ୍ତ।



## ଶ୍ରୀରଘୁନାଥଜୀଉଙ୍କ ରାଇ ଦାମୋଦର ବେଶ

**ଓଡ଼ଗାଁ, ୧୩।୧୦(ସ୍ୱ.ପ୍ର.)**

ଆଶ୍ୱିନ ପୂର୍ଣ୍ଣମୀ ତଥା କୁମାରୋତ୍ସବ ଅବସରରେ ରବିବାର ଭୋର ସମୟରୁ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କୁ ବହୁ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ପାପାଙ୍କୁଶ ଏକାଦଶୀଠାରୁ ଶ୍ରୀଜୀଉ ରାଇ ଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିବା ବେଳେ ଏହି ନୀତି ଓ ବେଶ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ପାଳନ କରାଯିବ । କାର୍ତ୍ତିକ ବଡ ଏକାଦଶୀ ଅର୍ଥାତ୍ ହରି ଉତ୍‌ଥାପନ ଏକାଦଶୀଠାରୁ ଶ୍ରୀଜୀଉଙ୍କ ପୀଠରେ ପଞ୍ଚୁକ ନୀତି ପାଳନ ସହିତ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉମାନେ ମନୋହର ବେଶରେ ଦର୍ଶନ ଦେବେ। ଏଥି ନିମନ୍ତେ ଦୈନିକ ହଜାର ହଜାର ଭକ୍ତଙ୍କ ଆଗମନ ହେଉଥିବା ବେଳେ ମନ୍ଦିର ପ୍ରଶାସନ ସଜାଗ ଥିବା ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି ।

# ଥାନାର ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

**ନୂଆଗାଁ, ୧୩।୧୦ (ଡି.ଏନ.ଏ.)**

**ଆକ୍ରମଣକାରୀଙ୍କୁ ଗିରଫ ଓ ନିଶା କାରବାର ରୋକିବା ଦାବି**

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ଅଧୀନ ମହିପୁର ଛକରେ ଗତ ମଙ୍ଗଳବାର ରାତିରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ସହ ଅଞ୍ଚଳରେ ନିଶା କାରବାର ରୋକିବା ଦାବି କରି ରବିବାର ଶତାଧିକ ଲୋକ ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନୀଳାଦ୍ରିପୁର ଗ୍ରାମର ପ୍ରଦୀପ୍ତ ପ୍ରଧାନ (୩୦) ଦୀର୍ଘ ୧୫ ବର୍ଷ ହେଲା ମହୀପୁର ବସଷ୍ଟାଣ୍ଡରେ ଦୋକାନ କରିଛନ୍ତି। ଗତ ମଙ୍ଗଳବାର ସେ ଦୋକାନ ବନ୍ଦ କରି ରାତି ୧୧ଟା ସମୟରେ ଘରକୁ ଫେରୁଥିବା ବେଳେ ପୂର୍ବ ପରିଚିତ ବାବୁ ବେହେରାଙ୍କୁ ନିଶାସକ୍ତ ଅବସ୍ଥାରେ ପଡିଥିବା ଦେଖିଥିଲେ। ତାଙ୍କୁ ସେ ନିଜ ବାଇକ୍‌ରେ ଘରକୁ ଛାଡିବାକୁ ଯାଇ ଫେରୁଥିବା ସମୟରେ ଭିରୁଡା ଗ୍ରାମର ଦିପୁନା ବେହେରା ସହଯୋଗୀଙ୍କ ସହ କାଠ ଫାଳିଆରେ ପ୍ରଦୀପ୍ତଙ୍କୁ ଆକ୍ରମଣ କରିଥିଲେ। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ବେଳେ ସେମାନେ ତାଙ୍କଠାରୁ ସୁନାଚେନ ଲୁଟି ନେଇଥିବା ନେଇ ପ୍ରଦୀପ୍ତଙ୍କ ସ୍ତ୍ରୀ ରିଙ୍କି ପ୍ରଧାନ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୭୮/୧୯ରେ ମାମଲା ରୁଜୁ କରିଛି। ଥାନା ଅଧିକାରୀ ମନୋରମା ମଲିକ ଓ ରଞ୍ଜନ କୁମାର ମାଝି ଘଟଣାର ତଦନ୍ତ କରି ଆକ୍ରମଣରେ ସହଯୋଗ କରିଥିବା ସନ୍ତୋଷ ସାହୁ (୩୪)ଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ପ୍ରଦୀପ୍ତ ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କ ସହ ଅନ୍ୟ ସହଯୋଗୀଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଥାନାରେ ପହଞ୍ଚିଥିଲେ। ଏହି ସମୟରେ ଥାନାରେ ଉପସ୍ଥିତ ଥିବା ଏସଡିପିଓ ନିରଞ୍ଜନ ପାଢୀଙ୍କ ସହ ଏକ ଦଶଜଣିଆ କମିଟି ଆଲୋଚନା କରିଥିଲେ। ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି, ଲୋକମାନଙ୍କ ସହଯୋଗ ମିଳିଲେ ତାଙ୍କୁ ଗିରଫ କରିବେ ବୋଲି ଏସଡିପିଓ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନିଶା କାରବାର ରୋକିବା ପାଇଁ ସେମାନେ ଏସଡିପିଓଙ୍କୁ ନିବେଦନ କରିଥିଲେ।




ନୂଆଗାଁ ଥାନାକୁ ଆସିଥିବା ବିଭିନ୍ନ ଗ୍ରାମର ଗ୍ରାମବାସୀ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍



**ଖଣ୍ଡପଡା, ୧୩।୧୦(ସ୍ୱ.ପ୍ର.)**- କଟକ ଜିଲା ଜଗତପୁର ଅଞ୍ଚଳରୁ ନିକଟସ୍ଥ ଭେଲେଇଶୁଣୀ ପୀଠକୁ ଭୋଜି ପାଇଁ ଆସିଥିବା ବେଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟି ନେଇଛନ୍ତି। ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତର ଭେଲେଇଶୁଣୀ ପୀଠକୁ ରବିବାର ଜଗତପୁର ଅଞ୍ଚଳର କେତେକ ଯୁବକ ଭୋଜି ନିମନ୍ତେ ଆସିଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ସେମାନେ ଭୋଜିସାରି ବାଇକ୍‌ରେ ଫେରୁଥିବା ବେଳେ ମହମ୍ମଦ ସକିଲ ନାମକ ଯୁବକଙ୍କୁ ୨ଜଣ ବ୍ୟକ୍ତି ଏକ କାର୍‌ରେ ଆସି ଅଟକାଇଥିଲେ। ପରେ ସେମାନେ ତାଙ୍କ ବାଇକ୍ ଚାବି ନେଇଯାଇ ଏକ ରଡରେ ପିଟି ତାଙ୍କ ପାଖରେ ଥିବା ୧୨ ହଜାର ଟଙ୍କା ଲୁଟିନେଇଥିଲେ । ଏହି ଆକ୍ରମଣରେ ସକିଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସାଙ୍ଗରେ ଆସିଥିବା ଅନ୍ୟ ସହଯୋଗୀ ଲାଲୁ ଖାଁନ ଓ ଏସ୍‌କେ ପିଣ୍ଟୁ ଘଟଣା ସମ୍ପର୍କରେ ଜାଣିବା ପରେ ସକିଲଙ୍କୁ କଣ୍ଟିଲୋ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ତେବେ ଏ ସମ୍ପର୍କରେ କଣ୍ଟିଲୋ ଫାଣ୍ଡି କିମ୍ବା ଖଣ୍ଡପଡା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ମନ୍ଦିରରୁ ଚୋରି ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର

**ଖୋର୍ଦ୍ଧା ଅଫିସ, ୧୩।୧୦**-ବାଣପୁର ଥାନା ଭୀମପୁର ମାଳିସାହ ବୃନ୍ଦାବନ ଚନ୍ଦ୍ର ଦେବ ମନ୍ଦିରରୁ ଅଷ୍ଟଧାତୁର ମୂର୍ତ୍ତି, ଟଙ୍କା ଲୁଟ୍ ଏବଂ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଅଭିଯୋଗରେ ଭୀମପୁର ମାଳିସାହିର ଦୀପକ କୁମାର ତ୍ରିପାଠୀ (୨୦)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପୋଲିସ ଅଭିଯୁକ୍ତଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦେଇଛି। ଥାନାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁନୀଲ କୁମାର ମହାନ୍ତି ଓ ଆଇଆଇସି ସଞ୍ଜୟ କୁମାର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ, ମାଳିସାହିର ଦୀପକ ଶନିବାର ବିଳମ୍ବିତ ରାତିରେ ବାଣପୁର ତହସିଲ ରୋଡ, ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ ଓ ଏଚଡିଏଫ୍‌ସିର ଦୁଇଟି ଏଟିଏମ ଭାଙ୍ଗି ଟଙ୍କା ଲୁଟିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଉଦ୍ୟମ ବ୍ୟର୍ଥ ଯିବା ପରେ ଭୋର ସମୟରେ ନିଜ ଗ୍ରାମ ମାଳିସାହି ନିକଟସ୍ଥ ୪ ଶହ ବର୍ଷ ତଳର ବୃନ୍ଦାବନ ଚନ୍ଦ୍ର ଦେବ ମନ୍ଦିରଠାରେ ପହଞ୍ଚି କବାଟର ତାଲା ଭାଙ୍ଗି ଅଷ୍ଟଧାତୁରେ ନିର୍ମିତ ରାଧାକୃଷ୍ଣ, ଗୁରୁଣ୍ଡି ଗୋପାଳ, ଲକ୍ଷ୍ମୀନାରାୟଣ, ରାମଲକ୍ଷ୍ମଣ, ସୀତା ସମେତ ଘଣ୍ଟି, ଘଣ୍ଟ ଥାଳି, ଛତି, ଚକ୍ର ଓ ୪ ହଜାର ଖୁଚୁରା ଟଙ୍କା ଚୋରାଇ ନେଇଥିଲେ। ରବିବାର ପୂଜାରୀ ନରେଶ କୁମାର ଦାଶ ଏହା ଦେଖି ମାର୍ଫତ୍ ସୁନୀଲ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ।

# ଲୋକଲଜ୍ଜାରୁ ମହିଳାଙ୍କ ଆତ୍ମହତ୍ୟା ଚର୍ଚ୍ଚା

**ନୟାଗଡ଼ ଅଫିସ, ୧୩।୧୦**

ନୟାଗଡ଼ ଜିଲା ଇଟାମାଟି ଥାନା ନାଟୁଗାଁ ପଞ୍ଚାୟତ ଖେଡ଼ବାରଣା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଲୋକଲଜ୍ଜା କାରଣରୁ ଜଣେ ମହିଳା ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ମୃତକ ହେଲେ ଲୀଳାବତୀ ନାୟକ (୪୩)। ମହିଳାଙ୍କ ସମ୍ପର୍କୀୟମାନେ କହିବା ପ୍ରକାରେ ଲୀଳାବତୀଙ୍କ ସ୍ୱାମୀ ରୂପେନ୍ଦ୍ର କୁମାର ନାୟକ କେରଳରେ ରହି କାମ କରନ୍ତି। ବଡ଼ଝିଅ ବାହା ହୋଇସାରିଥିବା ବେଳେ ଲୀଳାବତୀଙ୍କ ପାଖରେ ମଝିଆ ଝିଅ ଓ ସାନ ପୁଅ ରୁହନ୍ତି। କିଛିଦିନ ତଳେ ରୂପେନ୍ଦ୍ର ବ୍ୟାଙ୍କ୍ ଆକାଉଣ୍ଟରେ ୫୦ ହଜାର ଟଙ୍କା ପଠାଇଥିଲେ। ଶୁକ୍ରବାର ଉକ୍ତ ଟଙ୍କାକୁ ଲୀଳାବତୀ ଉଠାଇଥିଲେ। ବିଳମ୍ବିତ ରାତିରେ ଲୀଳାବତୀଙ୍କ ଘରକୁ ସେହି ଗ୍ରାମର କୃଷ୍ଣଚନ୍ଦ୍ର ନାୟକ ଯାଇ ଟଙ୍କା ମାଗିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଶନିବାର ସକାଳେ ଏ ନେଇ ଲୀଳାବତୀ ଗ୍ରାମ କମିଟିକୁ ଜଣାଇଥିଲେ। ରାତିରେ ଗ୍ରାମରେ ବୈଠକ ହୋଇ ଏହାର ନିଷ୍ପତ୍ତି ହେବାର ଥିଲା। ମାତ୍ର କୌଣସି କାରଣରୁ ଶନିବାର ବଦଳରେ ରବିବାର ଅପରାହ୍ନରେ ଏ ନେଇ ବୈଠକ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଥିଲା। ଗ୍ରାମରେ ବୈଠକ ନ ବସିବା ଓ ଲୋକଲଜ୍ଜା ସହି ନ ପାରି ଲୀଳାବତୀ ଆତ୍ମହତ୍ୟା କରିଥିବା ସମ୍ପର୍କୀୟଙ୍କଠାରୁ ପ୍ରକାଶ। ରବିବାର ସକାଳୁ ମଝିଆ ଝିଅ ଓ ପୁଅ ଉଠି ଲୀଳାବତୀ ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପରେ ଏ ନେଇ ସେମାନେ ତାଙ୍କ ଜେଜେବାପାଙ୍କୁ କହିଥିଲେ। ଜେଜେବାପା ଗ୍ରାମବାସୀ ଓ ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟମାନେ କିଛି ଅଘଟଣ ଘଟିବା ଆଶଙ୍କା କରି ତରବରିଆ ଭାବେ ମୃତଦେହ ପୋଡ଼ି ଦେଇଥିଲେ। ଖବର ପାଇ ଇଟାମାଟି ପୋଲିସ ପହଞ୍ଚିଥିଲେ ମଧ୍ୟ ନିଆଁ ଲିଭାଇ ମୃତଦେହ ଜବତ କରିବା ପରିବର୍ତ୍ତେ ଜୁଇ ପାଖରେ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ଲୀଳାବତୀଙ୍କ ପରିବାର ଓ ସମ୍ପର୍କୀୟଙ୍କଠାରୁ ବୟାନ ଆଣିଥିଲା। ଅନ୍ୟପଟେ ଉକ୍ତ ୫୦ ହଜାର ଟଙ୍କାକୁ କୃଷ୍ଣଚନ୍ଦ୍ର ନେଇଯାଇଥିବା ଲୀଳାବତୀଙ୍କ ମଝିଆ ଝିଅ ଅଭିଯୋଗ କରିଛନ୍ତି। ପୋଲିସ କୃଷ୍ଣଚନ୍ଦ୍ରଙ୍କ ଘରେ ପହଞ୍ଚିଥିବା ବେଳେ ତାଙ୍କ ପରିବାର ଘରେ ତାଲା ପକାଇ କେଉଁଆଡ଼େ ଫେରାର୍ ହୋଇଯାଇଛନ୍ତି। ପରେ ପୋଲିସ ମଶାଣିରୁ ହାଡ଼ ଓ ପାଉଁଶ ଜବତ କରିଥିଲା। ସୋମବାର ଲୀଳାବତୀଙ୍କ ସ୍ୱାମୀ ରୂପେନ୍ଦ୍ର କେରଳରୁ ଆସିବା ପରେ ଏ ନେଇ ଇଟାମାଟି ଥାନାରେ ଅଭିଯୋଗ କରିବେ ବୋଲି ଜଣାପଡ଼ିଛି। ଏ ନେଇ ଇଟାମାଟି ଥାନାରେ କୌଣସି ଅଭିଯୋଗ ହୋଇନାହିଁ, ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଗ୍ରାମ ସଭାପତି ଗ୍ରାମରେ ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଗ୍ରାମର କୌଣସି ଲୋକ ମଧ୍ୟ ଏ ନେଇ କିଛି ମତ ଦେଇ ନ ଥିଲେ।



ଇଟାମାଟି ପୋଲିସ ପରିବାର ଲୋକଙ୍କୁ ପଚରାଉଚରା କରୁଛି।



କୃଷ୍ଣଚନ୍ଦ୍ରଙ୍କ ଘରେ ତାଲା ପଡ଼ିଛି।

- ତରବରିଆ ଭାବେ ମୃତଦେହ ପୋଡ଼ିଦେଲେ ସମ୍ପର୍କୀୟ, ଗ୍ରାମବାସୀ
- ଜୁଇ ନିକଟରେ ନୀରବଦ୍ରଷ୍ଟା ସାଜିଲା ପୋଲିସ

## ରାଜକୁମାର ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ନୟାଗଡ଼ ଅଫିସ, ୧୩।୧୦**

ନୟାଗଡ଼ ବ୍ଲକ ଜେମାଦେଈପୁର ପାଟଣା ପଞ୍ଚାୟତ ରାଜପାଟଣା ଗ୍ରାମର ମିନି ଷ୍ଟାଡ଼ିୟମଠାରେ ରବିବାର କୁମାର ପୂର୍ଣ୍ଣିମା ଅବସରରେ ରାଜକୁମାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ନିରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବାବେଳେ ଡିଏଫଓ ଧନରାଜ ଏଚ୍‌ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛୋଟ ଗାଁରେ ଏଭଳି ବଡ଼ ମହୋତ୍ସବକୁ ଡିଏଫଓ ସ୍ୱାଗତ କରିଥିଲେ। ଅନ୍ୟ ଗାଁର ଲୋକମାନଙ୍କ ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରା, ୧୫ନଂ. ଜିଲାପରିଷଦ ସଭ୍ୟା ଅରୁଣା ନାୟକ, ଜେମାଦେଈପୁର ପାଟଣା ସରପଞ୍ଚ ରୀନାବାଳା ପୃଷ୍ଟି, ସାମାଜିକ କର୍ମୀ ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ମହୋତ୍ସବ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୋଟିପୁଅ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶରତ ଚନ୍ଦ୍ର ଆଚାର୍ଯ୍ୟ ଓ ଉତ୍ପଳ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩ୟ ବର୍ଷରେ ପାଦ ଥାପିଥିବା ମହୋତ୍ସବ ୪ ଦିନ ଧରି ଅନୁଷ୍ଠିତ ହେବ।

■ କପର୍ଦ୍ଦ ଖେଳରେ ମା'ଲକ୍ଷ୍ମୀଙ୍କଠାରୁ ହାରିଲେ ଶ୍ରୀଜୀଉ

# ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଗ୍ରାମ ପରିକ୍ରମା

**ଖଣ୍ଡପଡ଼ା, ୧୩।୧୦(ସ୍ୱ.ପ୍ର.)**

ରବିବାର ପବିତ୍ର କୁମାରପୂର୍ଣ୍ଣିମା ତିଥିରେ ନୀଳମାଧବ ଜୀଉଙ୍କ ପୀଠରେ ମା'ଲକ୍ଷ୍ମୀଙ୍କ ସହିତ ପ୍ରଭୁ ଶ୍ରୀ ନୀଳମାଧବ ଜୀଉ କପର୍ଦ୍ଦ (କଉଡି) ଖେଳରେ ପରାଜିତ ହୋଇଥିବା ପ୍ରଥାକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ସେହିପରି ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସନ୍ଧ୍ୟାରେ ଗ୍ରାମ ବିଜେ କରିଥିଲେ। ଶ୍ରୀ ନୀଳମାଧବ ଜୀଉଙ୍କ ସମସ୍ତ ନୀତିକାନ୍ତି ଏବଂ ସକାଳ ଧୂପ ସମ୍ପନ୍ନ କରାଯାଇଥିଲା। ସନ୍ଧ୍ୟାରେ ସୁଦର୍ଶନଙ୍କୁ ବିମାନରେ ବିଜେ କରାଯାଇ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ ଆଦି ବାଜଣା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। କଥିତ ଅଛି ବର୍ଷାଋତୁ ପରେ ଲୋକେ ଝାଡ଼ା, ଜ୍ୱର ଆଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥାନ୍ତି । ଏହିସବୁ ରୋଗରୁ ମୁକ୍ତି ତଥା ଲୋକଙ୍କୁ ସୁରକ୍ଷା ଦେବା ଲାଗି ସୁଦର୍ଶନ ଜୀଉଙ୍କୁ ଗ୍ରାମ ପରିକ୍ରମା କରିବା ପରମ୍ପରା ବହୁ ପୂର୍ବରୁ ପ୍ରଚଳିତ। ଏହି ପର୍ବ ପରେ ଶ୍ରୀଜୀଉଙ୍କ କପର୍ଦ୍ଦ (କଉଡ଼ି) ପୂଜା ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ବଡ ସିଂହାର ସମୟରେ ଏହି କପର୍ଦ୍ଦ ପୂଜାର ବିଧି ରହିଛି। ଏହା ପରେ ଠାକୁରଙ୍କ ଜୁଆଖେଳ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ମାଧ୍ୟମ ପୂଜାରୀ ରାସେଶ୍ୱର ମିଶ୍ର ଓ ପତ୍ରୀ ହୃଷୀକେଶ ମିଶ୍ରଙ୍କ ମଧ୍ୟରେ ଜୁଆଖେଳ ହୋଇଥିଲା। ସୂଚନାଯୋଗ୍ୟ, ଏହି ଖେଳ ପାଇଁ ଶ୍ରୀ ଜୀଉଙ୍କ ୨୧ଟି ରୁପାର କପର୍ଦ୍ଦି ରହିଛି । ପ୍ରଭୁଙ୍କ ଏହି ଜୁଆ ଖେଳ ନୀତିକୁ ଆଧାର କରି ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଯୁବକ ଓ ବୟସ୍କ ବ୍ୟକ୍ତି ଅହୋ ରାତ୍ର ଜୁଆ ଖେଳୁଥିବା ଜଣା ପଡିଛି । ଏହି ଦିନଟି ଜୁଆ ଖେଳ ପାଇଁ ପରମ୍ପରା ରହିଥିବାରୁ ଆମେ ଖେଳୁଛୁ ବୋଲି ଅନେକ ଯୁବକ ମତବ୍ୟକ୍ତ କରିଥିଲେ ।

## ଖଳିସାହିରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ



ମା'ଙ୍କ ଭସାଣି ଶୋଭାଯାତ୍ରା।

**ଖଣ୍ଡପଡ଼ା, ୧୩।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଖଳିସାହିର ଦୁର୍ଗା ବଜାର, ଗଉଡସାହି ଓ ରତନପୁର ସାହି ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭସାଣି ଶୋଭାଯାତ୍ରାରେ ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ବାଜା ବାଣ, ରୋଷଣି ସହ ମୃଣ୍ମୟୀ ମୂର୍ତ୍ତି ଗ୍ରାମ ପରିକ୍ରମା କରିବା ପରେ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ଖଣ୍ଡପଡା, ବାହାଡା, ବେଣାଗାଡିଆରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି।

## ସାଇକେଲ ସହ ଶାଳକାଠ ଜବତ

**ନୂଆଗାଁ, ୧୩।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ମହୀପୁର ବନାଞ୍ଚଳ ଅଧୀନ ଗୁମୀ ସେକ୍ସନରୁ ଶନିବାର ରାତିରେ ଦୁଇଟି ସାଇକେଲ ସହ ୬ ଖଣ୍ଡ ଶାଳ ସାଇଜ ଜବତ ହୋଇଛି। ଗୁମୀ ସେକ୍ସନ ଶାଳ ଜଙ୍ଗଲରୁ ବାରମ୍ବାର କାଠ ଲୁଟ ହେଉଥିବା ନେଇ ଖବର ପ୍ରକାଶ ପାଇବା ପରେ ନୟାଗଡ଼ ଡିଏଫ୍‌ଓ ଧନରାଜ ଏଚ୍‌ଡି ସେହି ଅଞ୍ଚଳ ପରିଦର୍ଶନ କରିଥିଲେ। କାଠ ଚୋରି ଉପରେ ତୀକ୍ଷ୍ଣ ନଜର ରଖିବାକୁ କର୍ମଚାରୀଙ୍କୁ ତାଗିଦ କରିଥିଲେ। ଶନିବାର ରାତିରେ ଦୁର୍ବୃତ୍ତମାନେ ଦୁଇଟି ସାଇକେଲରେ ୬ ଖଣ୍ଡ ଶାଳ ସାଇଜ ନେଇ ଯାଉଥିବା ବେଳେ କୁସୁମଗାଡିଆ ନିକଟରେ ଗୁମୀ ବନପାଳ ବନମାଳୀ ରାଉତ, ଗାର୍ଡ ସୁଦୀପ୍ତ ସାହୁ, ମାନସ ସେଠୀଙ୍କ ହାବୁଡରେ ପଡିଥିଲେ। ବନ କର୍ମଚାରୀଙ୍କୁ ଦେଖି କାଠ ଚୋର ସାଇକେଲ ଛାଡି ଫେରାର ହୋଇଯାଇଥିବା ବେଳେ ସାଇକେଲ ଓ କାଠ ଜବତ ହୋଇଥିବା ମହୀପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡା ସୂଚନା ଦେଇଛନ୍ତି।

■ ୬୭ବର୍ଷ ପରେ ଏକାଠି ହେଲେ ଭାରତୀ ନାଟ୍ୟ ସମିତିର କଳାକାର

# ସୃଷ୍ଟିକଲେ ପୂଜ୍ୟପୂଜାର ନିଆରା ପରମ୍ପରା

**ଖଣ୍ଡପଡ଼ା, ୧୩।୧୦(ସ୍ୱ.ପ୍ର.)**

କଣ୍ଟିଲୋ ଅଞ୍ଚଳରେ ୧୯୫୨ ମସିହାରେ ଯୁବ କଳାକାରଙ୍କୁ ନେଇ ଆରମ୍ଭ କରାଯାଇଥିବା ସାଂସ୍କୃତିକ ଅନୁଷ୍ଠାନ ଭାରତୀ ନାଟ୍ୟ ସମିତିର ସଦସ୍ୟମାନେ ଶନିବାର ଏକାଠି ହୋଇଥିଲେ। ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ଆୟୋଜିତ ଉତ୍ସବରେ ଗୁରୁଜନମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ କିପରି ଯୁବପିଢି ଅଣଦେଖା କରୁଛନ୍ତି ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହାସହ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇ ଏକ ନିଆରା ପରମ୍ପରା ସୃଷ୍ଟି କରାଯାଇଥିଲା।

ଅନୁଷ୍ଠାନର ପୁରାତନ କଳାକାର ଇଂ. ନକୁଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ, ଲେଖକ ଓ ମୁଖ୍ୟ ପରିଚାଳକ ଇଂ. କାଳନ୍ଦି ଚରଣ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇ ମହାରଣା କହିଥିଲେ, ପ୍ରତିବର୍ଷ ଦୁର୍ଗାପୂଜା ଛୁଟିରେ ଯୁବ କଳାକାରମାନଙ୍କୁ ଏକାଠି କରି ସାମାଜିକ ନାଟକ ପରିବେଷଣ ମାଧ୍ୟମରେ ଗ୍ରାମାଞ୍ଚଳରେ ଭାଇଚାରା ସମ୍ପର୍କ ଯୋଡି ପାରିଥିଲା। ପରେ କଷ୍ଟ ସ୍ୱୀକାର କରି ସଂଗଠିତ କରିଥିବା ଅନୁଷ୍ଠାନର ମ୍ୟାନେଜର ତଥା ସ୍ୱାଧୀନତା ସଂଗ୍ରାମୀ ଧ୍ରୁବ ଚରଣ ମହାରଣାଙ୍କୁ ଉପଢୌକନ, ମୁକୁଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରାତନ କଳାକାର ଇଂ. ଚିତ୍ତରଞ୍ଜନ ଦାସଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ୧ଶହରୁ ଊର୍ଦ୍ଧ୍ୱ କଳାକାର ଓ ସେମାନଙ୍କ ପରିବାର ଏକତ୍ରିତ ହୋଇଥିଲେ। ଏହା ମୁଖ୍ୟତଃ ଅଭ୍ୟର୍ଥନା ତଥା ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା। ଇଂ. ବଳରାମ ସାହୁ ଓ ଇଂ. କାଳନ୍ଦୀ ଚରଣ ମହାରଣା ସେମାନଙ୍କ ଅନୁଭୂତି ସମ୍ପର୍କରେ ଆଲୋକପାତ କରି ବର୍ତ୍ତମାନର ଯୁବପିଢୀ ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ କରି ସମାଜରେ ଭାଇଚାରା ସୃଷ୍ଟି କରିପାରିଲେ ସେମାନଙ୍କ ପ୍ରୟାସ ଯଥାର୍ଥ ହେବ ବୋଲି ସୂଚନା ଦେଇଥିଲେ। ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ସୁଦର୍ଶନ ସାହୁ, ସୁରେନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ଧନେଶ୍ୱର ମହାରଣା, ପବିତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ମାତାପିତା, ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କଲେ ଜୀବନ ସୁଖମୟ ହେବ ବୋଲି ପ୍ରକାଶ କରିଥିଲେ । ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରଘୁନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବସନ୍ତ କୁମାର ମହାରଣା ପୁରାତନ କଳାକାର ତଥା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରଲୋକଗତ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଦେବାଶିଷ ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ସଚ୍ଚିଦାନନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଥାନାଠାରୁ ୫୦ ମିଟର ଦୂରରେ ଜୁଆଖେଳ

**ରଣପୁର, ୧୩।୧୦(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନାଠାରୁ ୫୦ ମିଟର ଦୂର ଗାନ୍ଧୀ ମୂର୍ତ୍ତି ତଳେ ଚାଲିଛି ଜୁଆଖେଳ। ବଜାର ଉପରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲେ ମଧ୍ୟ ପୋଲିସ ନଜରକୁ ନ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ଥାନୀୟ ଜନସାଧାରଣ ଜୁଆଖେଳ ନେଇ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ରହିଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

**ନୂଆଗାଁ, ୧୩।୧୦ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତ ଲୁଣିସରା ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଲୁଣିସରା ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ପ୍ରତିଷ୍ଠାତା ଅବସରପ୍ରାପ୍ତ ଶିକ୍ଷକ ଭଗବାନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟବୋଧ, ଅଧିକାର ଓ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ଦ୍ୱାରା ଗୀତା ଓ ସେମାନଙ୍କ ଉପରେ ଲିଖିତ କବିତା ପଠନ କରାଯାଇଥିଲା। ନୂଆଗାଁ ବ୍ଲକରେ ବରିଷ୍ଠ ନାଗରିକଙ୍କୁ ଅଣଦେଖା କରାଯାଉଥିବା ବେଳେ ଲୁଣିସରାଠାରେ ଏହି ମଞ୍ଚ ନିଜର କର୍ତ୍ତବ୍ୟ ତୁଲାଇବା ପାଇଁ ଚେଷ୍ଟିତ। ସେଥିପାଇଁ ପ୍ରତି ମାସର ଦ୍ୱିତୀୟ ରବିବାର ବୈଠକ ଅନୁଷ୍ଠିତ ହେଉଥିବା କହିଛନ୍ତି ମଞ୍ଚର ସ୍ଥାୟୀ ସଭାପତି ଅଭିମନ୍ୟୁ ସାହୁ। ସମ୍ମିଳନୀରେ ମଞ୍ଚ ସମ୍ପାଦକ ମନମୋହନ ପ୍ରଧାନଙ୍କ ସମେତ ସୋରଡା, ଜଗନ୍ନାଥପ୍ରସାଦ, ଆଛୁପଡା, କୋରଡା ଗ୍ରାମର ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ଶେଷରେ ସୂର୍ଯ୍ୟମଣି ସେଠୀ ଧନ୍ୟବାଦ ଦେଇଥିଲେ।



ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

# କୁମାରପୂର୍ଣ୍ଣିମୀ-ସେଦିନ ଓ ଆଜି

**ଖଣ୍ଡପଡ଼ା, ୧୩।୧୦(ସ୍ୱ.ପ୍ର.)**

ରବିବାର ପାଳିତ ହୋଇଛି କୁମାରପୂର୍ଣ୍ଣିମା। କୁଆଁରୀ ଝିଅମାନଙ୍କ ବହୁ ପ୍ରତୀକ୍ଷିତ ପର୍ବ। କୁମାରୀମାନେ ଭାଦ୍ରବ ପୂର୍ଣ୍ଣିମୀଠାରୁ ଆଶ୍ୱିନ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଏହାକୁ ଜହ୍ନିଓଷା ଭାବେ ପାଳନ କରି କୁମାରପୂର୍ଣ୍ଣିମୀରେ ଉଦ୍‌ଯାପନ କରିଥାନ୍ତି। ଏହି ସମୟରେ ସେମାନେ ଆମିଷଠାରୁ ଦୂରରେ ରହି ଜହ୍ନି ନ ଖାଇ ତୁଳସୀ ଚଉରା ମୂଳେ ଓଷା ପାଳନ କରିଥାନ୍ତି । କୁହାଯାଏ, କୁମାରପୂର୍ଣ୍ଣିମୀ ତିଥିରେ ଜହ୍ନ ଅନ୍ୟ ଦିନ ଅପେକ୍ଷା ଅଧିକ ଗୋଲ ଓ ସୁନ୍ଦର ଦେଖାଯାଏ। ଏହି ଜହ୍ନକୁ ଦେଖି ଜଣେ ସୁନ୍ଦର ତଥା ଗୁଣବାନ ସ୍ୱାମୀଟିଏ ପାଇବା ପାଇଁ କୁଆଁରୀ ଝିଅମାନେ କାମନା କରିଥାନ୍ତି। ଖଣ୍ଡପଡା, ବେଣାଗାଡିଆ, କଣ୍ଟିଲୋ, ପଥରଚକଡା, ଧାନଚେଙ୍ଗଡା, ମାଧପୁର, ବାଣପୁର, ସିଧାମୂଳା, ଖଳିସାହି, ମଙ୍ଗଳପୁର, କୋସକା, କିଆଝର ଆଦି ଅଞ୍ଚଳର ବିଭିନ୍ନ ସାହିବସ୍ତିରେ କୁମାରୀମାନେ ଏହି ଓଷା ପାଳନ କରିଥିବା ଦେଖାଯାଇଥିଲା। କୁମାରୀମାନେ ଚଉରାମୂଳେ ଅପେକ୍ଷା କରିଥିବା ବେଳେ ପୂର୍ଣ୍ଣିମା ଚାନ୍ଦ ବିଳମ୍ବରେ ପ୍ରାୟ ସାଢେ ୬ଟାରେ ଆକାଶରେ ଦେଖା ଦେଇଥିଲା । ଚାନ୍ଦ ଦେଖି କୁମାରୀମାନେ ଚାନ୍ଦପୂଜା ଆରମ୍ଭ କରିଥିଲେ । ରାଣୀଛେଲ୍ଲୀ ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ ଚାନ୍ଦପୂଜା ଏକ ନିଆରା ଢଙ୍ଗରେ ପାଳନ କରାଯାଏ। ଚାନ୍ଦ ପୂଜା ପରେ ଝିଅମାନଙ୍କ ଝୁଣାମରା ଦୃଶ୍ୟ ଦେଖଣାହାରିଙ୍କୁ ଆକୃଷ୍ଟ କରିଥାଏ । ଏହି ଦୃଶ୍ୟକୁ ଉପଭୋଗ କରିବାକୁ ମଙ୍ଗଳପୁର ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ସମାଗମ ହୋଇଥିଲେ। ପଦ୍ମାବତୀ ଅଞ୍ଚଳର ଶିକ୍ଷାବିତ୍ ଜୟନ୍ତୀ ସାହୁ ଏହି ଓଷା ସମ୍ପର୍କରେ କହିଥିଲେ, ପିଲାଦିନେ ଆମେ କୁମାର ପୂର୍ଣ୍ଣିମାକୁ ଜଗି ବସୁଥିଲୁ। ପ୍ରଭାତରେ ସୂର୍ଯ୍ୟ ପୂଜା ସାରିବା ସାଙ୍ଗକୁ ସନ୍ଧ୍ୟାରେ ଖଇ, ଛେନା, କଦଳୀ ଆଦି ଚକଟି ସୁନ୍ଦର ଚାନ୍ଦଟିଏ ଗଢି ଠିକ୍ ଚାନ୍ଦ ଉଇଁ ଆସିବା ବେଳେ ଚଉରା ମୂଳେ ପୂଜା କରୁଥିଲୁ। ପରେ ପରେ ଆମେ ସାଙ୍ଗେ ସାଙ୍ଗେ ଭୋଗ ଖାଇଦେଉ। ଚାନ୍ଦ ପୂଜା କରି ଭୋଗ ବିଳମ୍ବରେ ଖାଇଲେ ବର ବୁଢା ହୋଇଯିବା ନେଇ ଆମମାନଙ୍କ ମନରେ ଧାରଣା ଥାଏ ବୋଲି ପୂଜା ମଣ୍ଡପରେ ପୂଜା କରୁଥିବା ତରୁଣୀ ବିଜୟଲକ୍ଷ୍ମୀ ସାହୁ କହିଥିଲେ। ତେବେ ପିଲାଟି ଦିନରୁ ଜହ୍ନି ଓଷା ବା ଚାନ୍ଦ ପୂଜା କରି ଆସୁଥିବା କେତେକ ବିବାହିତା ମହିଳା କୁହନ୍ତି, କୁମାର ପୂର୍ଣ୍ଣିମା ଆଉ ସେଦିନର ହୋଇ ନାହିଁ । ନା ଅଛି ସେ ସମୟର ଚଳଣି, ନା ଝିଅମାନଙ୍କ ମଧ୍ୟରେ ନିବିଡତା କିମ୍ବା ଭଲ ପାଇବା। ସମସ୍ତେ ଏବେ ବ୍ୟସ୍ତ, ଖୁସି ଗପ କରିବାକୁ ସତେ ଯେପରି କାହାରି ପାଖରେ ସମୟ ଟିକିଏ ନାହିଁ। ଏବେ ପ୍ରତି ସାହି ବସ୍ତିରେ କୁମାରୀ ଝିଅମାନେ ଅଲଗା ଦଳ ହୋଇ ପୂଜା କରୁଥିବା ଦେଖିବାକୁ ମିଳୁଛି।